ଧରିତ୍ରୀ
DHARITRI
June 29 - July 05, 2025 ₹2/-

ଧରିତ୍ରୀ 51 Years

# ଛୁଟିଦିନ



# ମୃତ୍ୟୁଞ୍ଜୟୀ



ଇତିହାସ ପୃଷ୍ଠାରେ ଘଟିଛି ଅନେକ ଭୟାବହ ବିମାନ ଦୁର୍ଘଟଣା। ଆଉ ଚାଲିଯାଇଛି ଅନେକଙ୍କ ଜୀବନ। ହେଲେ ବେଳେବେଳେ ଭାଗ୍ୟ ହେଉକି ଭଗବାନଙ୍କ ପାଇଁ ନିଶ୍ଚିତ ମୃତ୍ୟୁକୁ ମାତ୍ ଦେଇ ଫେରିଛନ୍ତି କେବଳ ଜଣେ ଭାଗ୍ୟବାନ ମଣିଷ। ମୃତ୍ୟୁକୁ ସେମାନେ ଖୁବ୍ ନିକଟରୁ ଦେଖିଛନ୍ତି, ଅନୁଭବ କରିଛନ୍ତି। ହେଲେ ମୃତ୍ୟୁ ତାଙ୍କୁ ସ୍ପର୍ଶ କରିପାରିନି। ସେହି ମୃତ୍ୟୁଞ୍ଜୟୀମାନଙ୍କ କଥା...

୩
ପ୍ରଚ୍ଛଦ ପ୍ରସଙ୍ଗ



## ଘରେ ଧନର ଅଭାବ ଦେଖା ଦେଉଥିଲେ ...

ବେଳେବେଳେ ଏମିତି ବି ହୁଏ, ବିଭିନ୍ନ ସୂତ୍ରରୁ ଘରକୁ ପଇସା ଆସୁଥିଲେ ବି କିଛି ନା କିଛି କାରଣ ପାଇଁ ତାହା ଖର୍ଚ୍ଚ ହୋଇଯାଉଥାଏ। ଘରେ ଯେଉଁ ଅଭାବକୁ ସେହି ଅଭାବ ଲାଗି ରହେ। ଏଭଳି କ୍ଷେତ୍ରରେ ଘରେ କିଛି ବାସ୍ତୁଦୋଷ ରହିଥିବା ବିଶ୍ୱାସ କରାଯାଏ। ଏ ସମସ୍ୟାର କିଭଳି ସରଳ ସମାଧାନ ହୋଇପାରିବ, ସେ ନେଇ ଜାଣନ୍ତୁ କିଛି ବାସ୍ତୁ ଟିପ୍ସ...



✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ପୂର୍ବ ଦିଗରେ ସୂର୍ଯ୍ୟ ଯନ୍ତ୍ର ସ୍ଥାପନା କରିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏହା ଘରେ ସକାରାତ୍ମକ ଉର୍ଜା ସଞ୍ଚାର କରିବା ସହିତ ପରିବାରରେ ଉନ୍ନତି ଆଣିଥାଏ।

✲ ଉତ୍ତର ଦିଗକୁ ଧନର ଦେବତା କୁବେରଙ୍କ ଦିଗ ବୋଲି କୁହାଯାଏ। ବିଶ୍ୱାସ ରହିଛି, ଏହି ଦିଗରେ ପଦ୍ମାସନରେ ବିରାଜିତା ମାତା ଲକ୍ଷ୍ମୀଙ୍କର ଏଭଳି ଏକ ଫଟୋ ରଖିବେ; ଯେଉଁଥିରେ ମାତା ଲକ୍ଷ୍ମୀଙ୍କ ହସ୍ତରୁ ସୁନା କଏନ୍ ପଡୁଥିବାର ଚିତ୍ର ଥିବ। ଏହି ଫଟୋ ଘରର ସୁଖ ସମୃଦ୍ଧି ବୃଦ୍ଧି କରିଥାଏ।

✲ ସୁନା ହେଉ କି ରୁପା କଏନ୍‌କୁ ନାଲି କପଡ଼ାରେ ବାନ୍ଧି ତାକୁ ଏକ ମାଟି ପାତ୍ରରେ ରଖି ସେଥିରେ କିଛି ଅରୁଆ ଚାଉଳ ଭର୍ତ୍ତି କରି ଉକ୍ତ ପାତ୍ରକୁ ଘରର ଉତ୍ତର-ପଶ୍ଚିମ ଦିଗରେ ରଖିଲେ, ଘରେ କେବେ ବି ଧନର ଅଭାବ ଦେଖାଯାଏ ନାହିଁ ବୋଲି ବିଶ୍ୱାସ ରହିଛି।

✲ ମାଟି ପାତ୍ରରେ ଜଳ ଭର୍ତ୍ତି କରି ତାହାକୁ ଘରର ଉତ୍ତର ଦିଗରେ ରଖି ନିୟମିତ ବ୍ୟବଧାନରେ ସେଥିରୁ ପାଣି ବଦଳାଉଥିଲେ, ଘରର ଉନ୍ନତି ହୋଇଥାଏ।

✲ ଘରର ଉତ୍ତର ଦିଗରେ ବାସ୍ତୁ କଇଁଛ ଅଥବା ବାସ୍ତୁ ମାଛର ପ୍ରତିମା ରଖିବା ବି ଘର ପାଇଁ ଶୁଭ ହୋଇଥାଏ। ଏହି ପ୍ରତିମାକୁ ଖାଲିରେ ନ ରଖି କୌଣସି ପାଣି ପାତ୍ରରେ ସାମାନ୍ୟ ବୁଡ଼ାଇ ରଖିଲେ ଘରେ କେବେ ବି ଧନର ଅଭାବ ଦେଖାଯାଏ ନାହିଁ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨୯ - ଜୁଲାଇ ୫, ୨୦୨୫

**ମେଷ** – କର୍ମଜଞ୍ଜାଳ ବୃଦ୍ଧି, ଅସୁସ୍ଥ ମାନସିକତା, ପଡୋଶୀଙ୍କ ସାହାଯ୍ୟ, ବନ୍ଧୁଙ୍କ ସମାଲୋଚନା, ଅର୍ଥସଂକଟର ସମ୍ମୁଖୀନ, ସାହିତ୍ୟାନୁରାଗ, ନୂତନ ବନ୍ଧୁସମ୍ପର୍କ ସ୍ଥାପନ, ବ୍ୟବସାୟିକ ସଫଳତା, ଗୃହସୀମା ବିବାଦ, ସନ୍ତାନହେତୁକ ଗୌରବ ।।

**ବୃଷ** – କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, ସାମାଜିକ ସମ୍ବର୍ଦ୍ଧନା, ନୂତନ ଯାନବାହନ କ୍ରୟ, ଘରୋଇ ସମସ୍ୟାର ସମାଧାନ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ନିର୍ମାଣରେ ଅଗ୍ରଗତି, ମନୋରଞ୍ଜନର ମଉକା ।।

**ମିଥୁନ** – ପାରିବାରିକ ସମସ୍ୟା, ବନ୍ଧୁଙ୍କ ପରାମର୍ଶ, ମୂଲ୍ୟବାନ ଦ୍ରବ୍ୟ ବିକ୍ରୟ, ଶାରୀରିକ ଅସୁସ୍ଥତା, ବ୍ୟବସାୟରେ କ୍ଷତି, ଯାନବାହନରେ ଖର୍ଚ୍ଚାନ୍ତ, କର୍ମକ୍ଷେତ୍ରରେ ମନସ୍ତାପ, କଚେରୀ ମାମଲାରେ ହନ୍ତସନ୍ତ, ପରିସ୍ଥିତିକୁ ସୁଧାରି ନେବେ, କ୍ରୀଡା ଓ ଚଳଚ୍ଚିତ୍ରରେ ସମ୍ମାନ ।।

**କର୍କଟ** – ଶୁଭଖବର ପ୍ରାପ୍ତି, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ଅର୍ଥ ସଂକଟ ଲାଗି ରହିବ, ବାଣିଜ୍ୟରେ ପ୍ରତିବନ୍ଧକ, କ୍ରନିକ୍ ରୋଗରେ ପୀଡା, ଆନୁଷ୍ଠାନିକ କାର୍ଯାରମ୍ଭ, କଳାସଂସ୍କୃତିର ଆଦର, ଅପ୍ରୀତିକର ପରିସ୍ଥିତି ।।

**ସିଂହ** – ବିବାଦରେ ବିଜୟ ଲାଭ, କର୍ମ କ୍ଷେତ୍ରରେ ଖ୍ୟାତି, ଋଣ ପରିଶୋଧ କରିବେ, ଦୁଃଶ୍ଚିନ୍ତା ଦୂର ହେବ, ପୈତୃକ ସମ୍ପତିରେ ଟଣାଓଟରା, ଭୁଲ୍ ବୁଝାମଣାରୁ କଳହ, ସାଂଗଠନିକ କ୍ଷେତ୍ରରୁ ପ୍ରଶଂସା, ପ୍ରତିଯୋଗୀତାରେ ସଫଳତା ।।

**କନ୍ୟା** – ଭୋଗବିଳାସରେ ଅନୁରାଗ, ଅର୍ଥ ପ୍ରାଚୁର୍ଯ୍ୟରୁ ଆନନ୍ଦ, ମାନସିକ ଶାନ୍ତି, ଆଶା ପୂରଣ ହେବ, ସଭାସମିତିକୁ ଆହ୍ୱାନ, ପରୋପକାରରୁ ପ୍ରଶଂସା,ଦେହ ସୁସ୍ଥ ରହିବ, ଲେଖାପଢାରେ କୁଶଳ, ଋଣ ପରିଶୋଧ କରିବେ, ସତ୍‌ସଙ୍ଗର ସୁଯୋଗ, ସାଂସ୍କୃତିକ କାର୍ଯ୍ୟାରମ୍ଭ ।।

**ତୁଳା** – ନୂତନ କର୍ମାରମ୍ଭ, ପାରିବାରିକ ସହମତି, ଭ୍ରାତୃବିବାଦର ସମାଧାନ, ଲୋକସମ୍ପର୍କ ବୃଦ୍ଧି, ବୈବାହିକ ଆଲୋଚନା, ଧାରକରଜ କରିବେ, ସମ୍ପର୍କୀୟଙ୍କ ଅନୁକମ୍ପା, ମନୋବଳ ବୃଦ୍ଧି, ଭ୍ରାତୃ ସମ୍ପର୍କରେ ନ୍ୟୁନତା, ନୃତ୍ୟ ବାଦ୍ୟରେ ସୁନାମ ।।

**ବିଛା** – ନିରାଶାର ପରିସମାପ୍ତି, ସରକାରୀ ସ୍ତରରୁ ସାହାଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ, ନୀଚ ସଙ୍ଗରୁ ଅପବାଦ, ମାଦକଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନୀ, ଦର୍ଶନୀୟସ୍ଥାନ ପରିଦର୍ଶନ, ଶେୟାର ବଜାରରେ ଉନ୍ନତି, ସନ୍ତାନଙ୍କ ସମସ୍ୟାରୁ ଚିନ୍ତା ।।

**ଧନୁ** – ପାରିବାରିକ ସୌହାର୍ଦ୍ଦ୍ୟ, ଆତ୍ମୀୟଙ୍କ ସୁପରାମର୍ଶ, ନିର୍ମାଣରେ ବିବାଦ, ପ୍ରକାଶନରେ ବିଳମ୍ବ, ପ୍ରଶାସନିକ ତତ୍ପରତା, ସାଂଗଠନିକ ସଭା, କ୍ରୀଡାସଙ୍ଗୀତରେ ସୁନାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିବନ୍ଧକ ଦୂର ହେବ, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି ।।

**ମକର** – କର୍ମକ୍ଷେତ୍ରରେ ସମସ୍ୟା, ବୈଷୟିକ ଉନ୍ନତି, ପାରିବାରିକ ଶାନ୍ତି, ପଡୋଶୀଙ୍କ ଅପପ୍ରଚାର, ସନ୍ତାନଙ୍କ ବିଶୃଙ୍ଖଳା, କରଜଦାତାଙ୍କ ଚାପ, ବନ୍ଧୁମିଳନରେ ଖୁସି, ବ୍ୟବସାୟିକ କଳହ, ଧର୍ମକାର୍ଯ୍ୟରେ ବାଧା, ସହକର୍ମୀଙ୍କ ଉଦାରତା, ଗୃହୋପୋଯୋଗୀ ଜମି ଲାଭ ।।

**କୁମ୍ଭ** – ମାନସିକ ସୁସ୍ଥତା, ଆର୍ଥିକ ଅନଟନ, ସହକର୍ମୀଙ୍କ ବଦାନ୍ୟତା, ପାରିବାରିକ ମତାନ୍ତର, ବନ୍ଧୁଙ୍କ ଭୁଲ୍ ବୁଝାମଣା, ପୁରାତନ ରୋଗରେ ପୀଡା, ଜମିବାଡି କ୍ରୟବିକ୍ରୟ, ବିବାଦର ସମାଧାନ, ପିଲାଙ୍କ ବୈବାହିକ ସମସ୍ୟା, ସମ୍ପର୍କରେ ଅଗ୍ରଗତି,ଲେଖା ପଢାରେ ଉନ୍ନତି ।।

**ମୀନ** – ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କ ପ୍ରତାରଣା, ସହକର୍ମୀଙ୍କ ପରାମର୍ଶ, କଳାସାହିତ୍ୟରେ ଉନ୍ନତି, ପରୋପକାରରୁ ପ୍ରଶଂସା, ପରିଭ୍ରମଣର ସୁଯୋଗ, ଦୂର ଯାତ୍ରାରେ ସମସ୍ୟା, କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା, ବନ୍ଧୁମାନଙ୍କ ଅନାଦର ଭାବ ।।

## ଭାବନାର ଶରୀର ଉପରେ ପ୍ରଭାବ

ମଣିଷ ତା' ଜୀବନରେ ବିଭିନ୍ନ ପରିସ୍ଥିତି ଦେଇ ଗତି କରିଥାଏ। କେତେବେଳେ ତାକୁ ଦୁଃଖ ଭୋଗିବାକୁ ହୋଇଥାଏ ତ ପୁଣି କେତେବେଳେ ସୁଖ। ସେହିପରି ଆଉ କେତେବେଳେ କାହା ଉପରେ ରାଗିବା ପାଇଁ ମନରେ ତା'ର କ୍ରୋଧ ମଧ୍ୟ ଆସିଥାଏ। ତେବେ ସେ ଯାହା ବି ହେଉ, ପରିସ୍ଥିତି ଅନୁଯାୟୀ ମଣିଷର ଭାବନା ବା ଭାବପ୍ରକାଶରେ ବାରମ୍ବାର ଯେଉଁ ପରିବର୍ତ୍ତନ ଆସିଥାଏ,



ତାହା ବି ମଣିଷର ଜୀବନଶୈଳୀ ହେଉ ଅବା ସ୍ୱାସ୍ଥ୍ୟ ଉପରେ ଅନେକ କୁପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ କରାଯାଏ। ଯେମିତି କି: କ୍ରୋଧ କରିବା ଦ୍ୱାରା କୁହାଯାଏ ଲିଭର୍‌କୁ କୁଆଡ଼େ କ୍ଷତି ପହଞ୍ଚିଥାଏ। ସେହିପରି ଦୁଃଖ ଫୁସ୍‌ଫୁସ୍‌କୁ ଧୀରେ ଧୀରେ ଦୁର୍ବଳ କରିଦିଏ। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ରକ୍ତଚାପ ବଢ଼ିବା ସଙ୍ଗେ ସଙ୍ଗେ ପେଟଜନିତ ସମସ୍ୟା କ୍ରମେ ଆରମ୍ଭ ହେବାକୁ ଲାଗେ। ଅବସାଦଗ୍ରସ୍ତ ହେଲେ ହୃଦୟ ଓ ମସ୍ତିଷ୍କ ଉପରେ କୁଆଡ଼େ ଖରାପ ପ୍ରଭାବ ପଡ଼ିଥାଏ। ଡର ମଣିଷର କିଡ୍‌ନୀକୁ କ୍ଷତି ପହଞ୍ଚାଇଥାଏ। କିନ୍ତୁ ଅନ୍ୟପକ୍ଷେ, ଯେ କୌଣସି ପରିସ୍ଥିତି ଆସୁନା କାହିଁକି ଯଦି ମନକୁ ବୁଝାଇ ଖୁସି ଆଉ ଶାନ୍ତିରେ ଜୀବନ ଅତିବାହିତ କଲେ ତା'ହେଲେ ମସ୍ତିଷ୍କ ସୁସ୍ଥ ରହିବା ସହ ଶରୀରକୁ ବଳ ମିଳିଥାଏ। ସେହିପରି ସବୁବେଳେ ହସ ହସ ମୁହଁରେ ରହିଲେ ଶରୀର ସୁସ୍ଥ ରହିବା ସହ ହୃଦୟକୁ ଖୁବ୍ ଶାନ୍ତି ଅନୁଭବ ହୋଇଥାଏ।

## ପାଠକୀୟ

✲ ଗେହ୍ଲା ଝିଅର ବାପାଙ୍କ ପାଇଁ କିଛି କଥା ; ଯାହା ସେ ତାଙ୍କୁ କେବେ କହିପାରିନି କି ଭବିଷ୍ୟତରେ ଆଉ କେବେ କହିବାର ସୁଯୋଗ ବି ତା'ପାଖରେ ନାହିଁ। କାରଣ ଆକାଶଠୁ ବଡ଼ ବାପା ତା'ପାଇଁ ଏବେ ଅପହଞ୍ଚ ଦୂରତାରେ। ତେଣୁ ଏଭଳି ଏକ ହୃଦୟଛୁଆଁ ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅପହଞ୍ଚ ଆକାଶ' ଶୀର୍ଷକ ଆଲେଖ୍ୟଟି ବେଶ୍ ସୁନ୍ଦର ହୋଇଥିଲା।

*– ରଶ୍ମିପ୍ରଭା ନାୟକ, ପିପିଲି*

✲ ବାପା ! ଗୋଟେ ଭରସାର ଉଚ୍ଚାରଣ। ସେଇଥିପାଇଁ ବୋଧେ କୁହାଯାଏ, ବାପା ଥିଲେ ପୁଅ ସଭାରେ ହାରେନା। ଆଉ ଝିଅଟେ ପାଇଁ, ବାପା ଅଛନ୍ତି ତ ଦୁନିଆ ଅଛି। କିନ୍ତୁ ସେହି ଝିଅର କିଛି ଅକୁହା କଥା, ଯାହା ସେ କେବେ ତା'ବାପାଙ୍କୁ କହିପାରିନି। ଆଜି ସେ କଥା କହିବାକୁ ଚାହିଁଲା ବେଳକୁ ପାଖରେ ଆଉ ବାପା ନାହାନ୍ତି। ଏଭଳି କିଛି ଦରଦୀ ଝିଅଙ୍କ ମନଖୋଲା କଥାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅପହଞ୍ଚ ଆକାଶ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ସୁପ୍ରୀତ ଖୁଣ୍ଟିଆ, ବଲାଙ୍ଗୀର*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ବାପା' ଶୀର୍ଷକ କବିତାଟି ବେଶ୍ ମନଛୁଆଁ ହୋଇଥିଲା। ସ୍ୱତନ୍ତ୍ର 'ବାପାଙ୍କ ପାଇଁ' ଆଲେଖ୍ୟଟି ବି ଏକ ପ୍ରେରଣାଦାୟୀ ବିଷୟ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ଚାହିଁ ବସିଛନ୍ତି ସନାୟା', 'ପୁଣିଥରେ ଉମରାଓ ଜାନ୍' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର ଥିଲା।

*– ଶୁଭଶ୍ରୀ ଲେଙ୍କା, ଜଳେଶ୍ୱର*

✲ ଲେଖିକା ସରୋଜିନୀ ମହାନ୍ତିଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଅକ୍ସିଡାଇଜ୍ଡ ଜୁଏଲେରି' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ସ୍ୱପ୍ନା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର ଥିଲା। ସହର ପୃଷ୍ଠାରୁ 'ଚେରାପୁଞ୍ଜି' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ଭବାନୀ ପ୍ରିୟଦର୍ଶିନୀ, ସମ୍ବଲପୁର*

✲ ବିବିଧା ପୃଷ୍ଠାରୁ 'ଫାଦର୍ସ ଡେ' ସମ୍ପର୍କରେ ବହୁ ସୁନ୍ଦର କଥାସବୁ ଜାଣିବାକୁ ମିଳିଲା। ବ୍ୟଙ୍ଗ ପୃଷ୍ଠାରୁ 'ଡେଉଁଛି ଡାହାଣ ଆଖି' ବିଷୟରେ ବି ବହୁ ଅଜଣା କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଭିଡିଓ ଗେମ୍ ବଢ଼ାଇବ ଦୃଷ୍ଟିଶକ୍ତି', 'ନାକରେ କମଳା ଠେଲି ରେକର୍ଡ', '୨୪ ଘଣ୍ଟାରେ କଲେ ୭,୦୭୯ ପୁଲ୍ ଅପ୍ସ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଆଶ୍ଚର୍ଯ୍ୟଜନକ ଲାଗୁଥିଲା।

*– ଅନିନ୍ଦିତା ଦାଶ, ମୟୂରଭଞ୍ଜ*

### ବିଶେଷ ଚିଠି




ଅପହଞ୍ଚ ଆକାଶ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ହୋଇଥିଲା ହୃଦୟସ୍ପର୍ଶୀ ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ତା'ସାଙ୍ଗକୁ ଭାରୀ ଭଲ ଥିଲା
ସାଥୀ, ସିନେମା ଓ ସହର
ମନ କିଣି ନେଉଥିଲା ପୁଣି
ତୁମ ପ୍ରଥମ ରୋଜଗାର।
ହେ ମୋର ପ୍ରିୟ ଛୁଟିଦିନ
ସବୁବେଳେ ଲାଗ ତୁମେ ନୂତନ।

*–ପ୍ରଣତୀ ସେଠୀ, ଝାରସୁଗୁଡ଼ା*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com




# ମୃତ୍ୟୁଞ୍ଜୟୀ

**ଇତିହାସ ପୃଷ୍ଠାରେ ଘଟିଛି ଅନେକ ଭୟାବହ ବିମାନ ଦୁର୍ଘଟଣା। ଆଉ ଚାଲିଯାଇଛି ଅନେକଙ୍କ ଜୀବନ। ହେଲେ ବେଳେବେଳେ ଭାଗ୍ୟ ହେଉକି ଭଗବାନଙ୍କ ପାଇଁ ନିଶ୍ଚିତ ମୃତ୍ୟୁକୁ ମାତ୍ ଦେଇ ଫେରିଛନ୍ତି କେବଳ ଜଣେ ଭାଗ୍ୟବାନ ମଣିଷ। ମୃତ୍ୟୁକୁ ସେମାନେ ଖୁବ୍ ନିକଟରୁ ଦେଖିଛନ୍ତି, ଅନୁଭବ କରିଛନ୍ତି। ହେଲେ ମୃତ୍ୟୁ ତାଙ୍କୁ ସ୍ପର୍ଶ କରିପାରିନି। ସେହି ମୃତ୍ୟୁଞ୍ଜୟୀମାନଙ୍କ କଥା...**

ଜୁନ୍ ୧୨ ତାରିଖ । ଅହମଦାବାଦ ବିମାନବନ୍ଦରରୁ ଏୟାର ଇଣ୍ଡିଆର ଏଆଇ ୧୭୧ ଫ୍ଲାଇଟ୍ ଲଣ୍ଡନକୁ ଉଡ଼ାଣ ଭରୁଥାଏ। ହେଲେ ଖୁବ୍ କମ୍ ସମୟ ଭିତରେ ହିଁ ହଠାତ୍ ବିମାନ ନିୟନ୍ତ୍ରଣ ହରାଇଲା । ଆଉ ନିକଟସ୍ଥ ମେଡିକାଲ କଲେଜ୍‌ର ହଷ୍ଟେଲରେ ଧକ୍କା ହେଲା। ଚାହୁଁ ଚାହୁଁ ଜଳିଗଲା ପୂରା ବିମାନ । ଆଉ ତା' ସହିତ ଜଳିଗଲେ ସମସ୍ତ ଯାତ୍ରୀଙ୍କ ସହ କ୍ରିଉ ମେମ୍ବର । ସାରା ଭାରତ କ'ଣ ପୃଥିବୀ ସ୍ତବ୍ଧ ହୋଇଗଲା । ହେଲେ ହଠାତ୍ ଘଟଣାସ୍ଥଳରୁ ଜଣେ ଯୁବକ ବାହାରିଲେ । କେହି ବିଶ୍ୱାସ କରିପାରିଲେ ନାହିଁ ଯେ, ଆଭିଏଶନ୍ ଇତିହାସର ସବୁଠାରୁ ବଡ଼ ଦୁର୍ଘଟଣା ଭାବେ ଗଣନା କରାଯାଉଥିବା ଏତେବଡ଼ ଦୁର୍ଘଟଣାରୁ ସତରେ କ'ଣ କେହି ମୃତ୍ୟୁକୁ ଜୟ କରିପାରେ ! ହେଲେ ସମସ୍ତଙ୍କୁ ଭୁଲ୍ ପ୍ରମାଣିତ କରି **ବିଶ୍ୱାସକୁମାର ରମେଶ** ନାମକ ଯୁବକ ଜୀବିତ ଫେରିଲେ। ମୃତ୍ୟୁ ଉପରେ ବିଜୟ ଲାଭ କରିଥିବା ଏକମାତ୍ର ସୌଭଗ୍ୟଶାଳୀ ବ୍ୟକ୍ତି ପାଲଟିଲେ। ତେବେ କେବଳ ବିଶ୍ୱାସକୁମାର ନୁହନ୍ତି, ପୂର୍ବରୁ ଘଟିଥିବା ଏହିଭଳି ଅନେକ ବଡ଼ ବଡ଼ ବିମାନ ଦୁର୍ଘଟଣାରେ ବି ମୃତ୍ୟୁକୁ ଚକ୍‌ମା ଦେଇ ଜଣେ ଜଣେ ଜୀବିତ ଫେରିଛନ୍ତି । ସେହି ମୃତ୍ୟୁଞ୍ଜୟୀମାନଙ୍କ ଅଙ୍ଗେନିଭା କଥା...

**ରାଷ୍ଟ୍ରପତିଙ୍କ ସହ ସମସ୍ତ ଯାତ୍ରୀଙ୍କ ଯାଇଥିଲା ଜୀବନ, ବଞ୍ଚିଥିଲେ କେବଳ ଜଣେ ଖବରଦାତା :** ୧୯୫୭ ମସିହାର କଥା। ଫିଲିପାଇନ୍ସର ରାଷ୍ଟ୍ରପତି ରମନ ମାଗ୍‌ସେସେଙ୍କର ଏକ ଭାଷଣ କାର୍ଯ୍ୟକ୍ରମ ପାଇଁ ସେବୁ ଯିବାର କାର୍ଯ୍ୟକ୍ରମ ଥାଏ। ମାର୍ଚ୍ଚ ୧୬ ତାରିଖ ଦିନ ରାଷ୍ଟ୍ରପତି ମାଗ୍‌ସେସେ କେତେଜଣ ସରକାରୀ କର୍ମଚାରୀ ଏବଂ ଖବରଦାତାଙ୍କୁ ନେଇ ସେବୁ ଅଭିମୁଖେ ଯାତ୍ରା କଲେ। ଖବରଦାତାଙ୍କ ଭିତରେ **ନେଷ୍ଟର ମାଟା** ଥିଲେ ଜଣେ। କାର୍ଯ୍ୟକ୍ରମ ସରିବାପରେ ସେହିଦିନ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଟିମ୍ ମାନିଲା ଫେରିବା ପାଇଁ ଡଗଲାସ ସି-୪୭ ବିମାନରେ ବାହାରିଥିଲେ। ହେଲେ ମାର୍ଚ୍ଚ ୧୭ ତାରିଖ ସକାଳ ୧ଟା ୧୬ ମିନିଟ୍‌ରେ ବିମାନଟି ସେବୁର ମାଉଣ୍ଟ ମାନୁଙ୍ଗ ଗଲ୍‌ରେ ଦୁର୍ଘଟଣାଗ୍ରସ୍ତ ହେଲା। ନେଷ୍ଟର ମାଟା ରାଷ୍ଟ୍ରପତିଙ୍କ କମ୍ପାର୍ଟମେଣ୍ଟ ନିକଟରେ ବସିଥିଲେ। ଆଉ ଦୁର୍ଘଟଣା ସମୟରେ ଅର୍ଦ୍ଧନିଦ୍ରାରେ ଥିଲେ। ଦୁର୍ଘଟଣା ହେବାରୁ ସେ ନିଶ୍ଚେତ ହୋଇଗଲେ। ନେଷ୍ଟର ଏକ ଗଣମାଧ୍ୟମକୁ କହିଥିଲେ, 'ଯେବେ ମୁଁ ଚେତନାକୁ ଫେରିଲି ନିଜକୁ ଏକ ତିଖ ପାହାଡ଼ ନିକଟସ୍ଥ ଶୁଖିଲା ବୁଦାରେ ପାଇଲି। ସେତେବେଳେ ମତେ ଏତେ କଷ୍ଟ ହେଉଥାଏ ଯେ, ଯନ୍ତ୍ରଣାରେ ଛଟପଟ ହେଉଥାଏ। ଭାବିପାରୁ ନ ଥିଲି କ'ଣ କରିବି। ମୋ ଠାରୁ ପ୍ରାୟ ୩ ମିଟର ଦୂରତାରେ ବିମାନର କିଛି ଭଗ୍ନାଂଶ ପଡ଼ିଥିଲା। ଆଉ ସେଗୁଡିକ ଜଳୁଥିଲା। ଏହି ସମୟରେ ଦୂରରୁ ମତେ ଏକ କୁକୁର ଭୁକିବାର ଶବ୍ଦ ଶୁଭିଲା। ମନରେ ଆଶା ସଞ୍ଚାର ହେଲା ଉଦ୍ଧାକାରୀ ଆସି ମତେ ନିଶ୍ଚୟ ବଞ୍ଚାଇବେ। ମତେ ଲାଗିଲା ନିକଟରେ ବୋଧହୁଏ ଲୋକ ବସବାସ କରନ୍ତି। ତେଣୁ ମୁଁ ଜୋର୍‌ରେ ପାଟି କରିବାକୁ ଚେଷ୍ଟା କଲି। ମୁଁ ଦେଖିଲି ମୋ ସ୍ୱର ସେହି ପାହାଡିଆ ଅଞ୍ଚଳରେ ଗୁଞ୍ଜରିତ ହେଉଛି। ଏହାପରେ ମୁଁ ଜୋର୍ ପାଟି କରି ଡାକିଲି-ଶ୍ରୀମାନ ରାଷ୍ଟ୍ରପତି, ଶ୍ରୀମାନ ରାଷ୍ଟ୍ରପତି...। ଯେତେବେଳେ କିଛି ଉତ୍ତର ପାଇଲିନି ମୁଁ ଲିଓ୍ୱେଓ୍ୱେ ପତ୍ରିକାର ରିପୋର୍ଟର ପାବ୍‌ଲୋ ବାତିସ୍ତାଙ୍କ ନାଁ ଧରି ଡାକିଲି। ତାଙ୍କଠୁ ବି କିଛି ଉତ୍ତର ପାଇଲିନି। ଏହାପରେ ମୁଁ ନିଶ୍ଚିତ ହୋଇଗଲି ଯେ,ମୋ ଛଡା ହୁଏତ ଆଉ କେହି ଜୀବିତ ନାହାନ୍ତି।'' ପରେ ଦୁର୍ଘଟଣା ନିକଟସ୍ଥ ଅଞ୍ଚଳରେ ରହୁଥିବା କିଛି କୃଷକ ଓ ମାର୍ସେଲିନୋ ନୁୟା ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ମାଟା ଉଦ୍ଧାର ହୋଇଥିଲେ। ୧୮ ଘଣ୍ଟା ଲାଗିଥିଲା ଆହତ ମାଟାଙ୍କୁ ପାହାଡରୁ ତଳକୁ ନେବା ପାଇଁ। ଡାକ୍ତରଖାନାରେ ପହଞ୍ଚିବା ପରେ ସେ ଜଣେ ନର୍ସଙ୍କ ମାଧ୍ୟମରେ ନିଜ ଖବରକାଗଜ ପାଇଁ ଏକ ପ୍ରେସ୍ ଡେସପ୍ୟାଚ୍ ଲେଖାଇଥିଲେ। ଏହାର ଆରମ୍ଭ ଏହି ବାକ୍ୟରୁ ହୋଇଥିଲା ଯେ-'ରାଷ୍ଟ୍ରପତି ମାଗ୍‌ସେସେଙ୍କର ମୃତ୍ୟୁ ହୋଇଯାଇଛି।' ମାଟାଙ୍କ ଦେହରେ ତୃତୀୟ ଡିଗ୍ରୀ ପୋଡା ଥିଲା। ୬ ମାସ ପର୍ଯ୍ୟନ୍ତ ସେ ଡାକ୍ତରଖାନାରେ ଚିକିତ୍ସିତ ହେଲେ। ପରେ ସେ

→





ୱିନସେଣ୍ଟ ୱିଲାଫ୍ରାଙ୍କାଙ୍କ ସହ ମିଶି 'ୱାନ କମ୍ ବ୍ୟାକ୍' ନାମକ ଏକ ସ୍ମରଣିକା ଲେଖିଥିଲେ । ଯେଉଁଥିରେ ସେ ରାଷ୍ଟ୍ରପତିଙ୍କ ଅନ୍ତିମ କ୍ଷଣ ଓ ବିମାନ ଦୁର୍ଘଟଣାରୁ ଜୀବିତ ଫେରିବା ପରର କଷ୍ଟର ବିବରଣୀ ଦେଇଥିଲେ । ସୁସ୍ଥ ହେବାପରେ ସେ ପୁଣି ସାମ୍ବାଦିକତା କରିଥିଲେ । ୨୦୧୮, ଏପ୍ରିଲ ୧୨ ତାରିଖରେ ସେ ମୃତ୍ୟୁବରଣ କଲେ ।

**ୱିଣ୍ଡୋ ସିଟ୍ ପାଲଟିଥିଲା ବରଦାନ:** ୧୯୭୧ ମସିହା ଡିସେମ୍ବର ୨୪ ତାରିଖ । ୯୨ଜଣ ଯାତ୍ରୀଙ୍କୁ ଧରି ଲାନ୍ସା ଫ୍ଲାଇଟ ୫୦୮ ଉଡାଣ ଭରିଥାଏ । ଏହି ଫ୍ଲାଇଟ୍‌ରେ ଜୁଲିୟନ କୋପକ ନାମ୍ନୀ ଜଣେ ୧୭ ବର୍ଷୀୟ ଯୁବତୀ ବି ଥିଲେ । ଯାତ୍ରୀମାନେ ବେଶ୍ ଆରାମରେ ଯାତ୍ରା କରୁଥାନ୍ତି । ହେଲେ ହଠାତ୍ ପାଗ ବଦଳିଗଲା । ଝଡ଼ ତୋଫାନ ହେଲା । ଆଉ ପେରୁ ଉପର ଦେଇ ଗଲାବେଳେ ଏହି ବିମାନ ଉପରେ ବଜ୍ରପାତ ହେଲା । ବିମାନଟିରେ ନିଆଁ ଲାଗିବା ସହ ଭୂମିକୁ ଆସିବା ପୂର୍ବରୁ ଖଣ୍ଡ ଖଣ୍ଡ ହୋଇଗଲା । କିଏ ଜଳିଗଲା ତ କିଏ ହଜାର ଫୁଟ୍ ଉପରୁ ତଳକୁ ଖସିପଡ଼ି ତା'ର ପ୍ରାଣ ଚାଲିଗଲା । ତନ୍ମଧ୍ୟରେ ଜୁଲିୟନ ୧୦,୦୦୦ ଫୁଟ୍ ଉପରୁ ତଳକୁ ସିଟ୍‌ରେ ବନ୍ଧା ହୋଇଥିବା ଅବସ୍ଥାରେ ଖସୁଥିଲେ । ଶେଷରେ ଆମାଜାନର ବର୍ଷାବଣରେ ସେଇ ସିଟ୍‌ରେ ବନ୍ଧା ହୋଇଥିବା ଅବସ୍ଥାରେ ଆସି ପଡ଼ିଲେ । ଏତେ ଉଚ୍ଚତାରୁ ପଡିଥିବାରୁ  ସେ ଗୁରୁତର ଆହତ ହୋଇଥିଲେ । କଲାରବୋନ୍ ଭାଙ୍ଗିବା ସହ ଡାହାଣ ପଟ ବାହୁରେ ଗଭୀର କ୍ଷତ ଲାଗିଥିଲା । ଆଖିରେ ବି ଆଘାତ ଲାଗିଥିଲା । ଏଭଳି ସ୍ଥିତିରେ ବି ସେ ୧୧ ଦିନ ଯାଏ ଆମାଜନର ବର୍ଷାବଣରେ ଜିଇବା ପାଇଁ ସଂଘର୍ଷ କରିଥିଲେ । ଜଙ୍ଗଲରେ ଏପଟସେପଟ ଘୂରି ବୁଲୁଥିଲେ । ଭୋକରେ ଛଟପଟ ହେଉଥିଲେ, ମଶା କାମୁଡି ତାଙ୍କ ଅବସ୍ଥା ଖରାପ କରିଦେଇଥିଲେ । ଅନ୍ୟପଟେ କ୍ଷତସ୍ଥାନଗୁଡ଼ିକରେ ପୋକ ଲାଗି ଯାଇଥିଲେ । ୯ଦିନ ପରେ ସେ ଏକ ଶିବିର ପାଇଲେ, ଯାହାକୁ କି କାଠୁରିଆମାନଙ୍କ ଦ୍ୱାରା ସ୍ଥାପିତ କରାଯାଇଥିଲା । ହେଲେ ସେତେବେଳେ ସେଠାରେ କେହି ନ ଥିଲେ । ସେଠି ସେ ଶରଣ ନେଲେ । ପରେ ଯେତେବେଳେ କାଠୁରିଆମାନେ ସେଠାକୁ ଫେରିଲେ ଜୁଲିୟାନାଙ୍କୁ ପାଇଲେ । ସେମାନେ ପେଟ୍ରୋଲ ପକାଇ ତାଙ୍କ କ୍ଷତ ସ୍ଥାନରୁ ପୋକଗୁଡିକୁ ଅଲଗା କଲେ । ଏହାପରେ ସେମାନେ ଜୁଲିୟାନାଙ୍କୁ ଏକ ଛୋଟିଆ ଡଙ୍ଗାରେ ୧୧ ଘଣ୍ଟା ଯାତ୍ରା କରି ଅଧିକ ଜନସଂଖ୍ୟା ଥିବା ସ୍ଥାନକୁ ନେଇଗଲେ । ପରେ ତାଙ୍କୁ ଉଡ଼ାଜାହାଜ ମାଧ୍ୟମରେ ଡାକ୍ତରଖାନା ପଠାଗଲା । ବିମାନ ଦୁର୍ଘଟଣାରେ ଯେଉଁଠି ସମସ୍ତଙ୍କର ମୃତ୍ୟୁ ହୋଇଥିଲା ଜୁଲିୟନ କିଭଳି ସେଥିରୁ ବର୍ତ୍ତିଗଲେ ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ । କୁହାଯାଏ ସେ ଜୀବିତ ଫେରିବା ପଛରେ ତାଙ୍କ ବାପା, ଯେ କି ଜଣେ ପ୍ରାଣୀ ବିଜ୍ଞାନୀ ଥିଲେ ତାଙ୍କର କିଛି ହାତ ଥିଲା । ସେ ଆମାଜନର ବର୍ଷାବଣର ବଣ୍ୟଜନ୍ତୁଙ୍କ ଉପରେ ଅଧ୍ୟୟନ କରୁଥିବା ପାନଗୁଆନା ରିସର୍ଚ୍ଚ ସେଣ୍ଟରରେ କାମ କରୁଥିଲେ । ବହୁ ପୂର୍ବରୁ ସେ ଝିଅ ଜୁଲିୟନକୁ ଜଙ୍ଗଲରେ ହଜିଗଲେ ନିଜକୁ କିଭଳି ଜୀବିତ ରଖିହେବ ତା'ର କୌଶଳ ଶିଖାଇଥିଲେ । ଯାହାକି ବିମାନ ଦୁର୍ଘଟଣା ପରେ ଜୁଲିୟନଙ୍କର ବହୁତ କାମରେ ଆସିଥିଲା । ଏହା ବାଦ୍ ଗବେଷକମାନଙ୍କ ମତରେ ଜୁଲିୟନ ୱିଣ୍ଡୋ ସିଟ୍‌ରେ ସିଟ୍ ବେଲ୍ଟ ଲଗାଇ ବସିଥିଲେ । ତାଙ୍କ ସିଟ୍ ସହ ଆଉ ଦୁଇଟି ସିଟ୍ ଲାଗି ରହିଥିଲା । ଅର୍ଥାତ୍ ତିନୋଟି ସିଟ୍ ଏକ ଧାଡ଼ିରେ ଥିଲେ । ଏହି ସିଟ୍ ହୁଏତ ତାଙ୍କ ପାଇଁ ପାରାସୁଟ୍‌ର କାମ କଲା । ଯାହାକି ତାଙ୍କ ଖସିବାର ଗତିକୁ କମାଇ ଦେଲା । ତା'ସହ ସେ ଯେଉଁଠି ପଡିଥିଲେ ସେଠାରେ ଘନ ପତ୍ର ଥିଲା । ତେଣୁ ତାଙ୍କ ପଡ଼ିବା ବେଗ କମିଯାଇଥିଲା । ଫଳରେ ତାଙ୍କର ଅଧିକ କ୍ଷତି ହୋଇ ନ ଥିଲା । ପରେ ଜଣାପଡ଼ିଲା ବିମାନ ଦୁର୍ଘଟଣାରେ ୧୪ ଜଣ ଜୀବିତ ଥିଲେ । କିନ୍ତୁ ଉଦ୍ଧାର ପାଇଁ ଅପେକ୍ଷା କରି କରି ମେଡିକାଲ ହେଲ୍ପ ନ ପାଇ ସେମାନଙ୍କର ମୃତ୍ୟୁ ହୋଇଗଲା । ତେଣୁ ଜୁଲିୟନଙ୍କୁ ଏହି ବିମାନ ଦୁର୍ଘଟଣାର ଏକମାତ୍ର ଜୀବିତ ବ୍ୟକ୍ତିଭାବେ ଗ୍ରହଣ କରାଯାଏ ।

**୩୩,୩୩୩ ଫୁଟ୍ ଉପରୁ ପଡ଼ି ବି ଜିଇଲେ:** ୧୯୭୨ ମସିହାରେ ବି ଏହିଭଳି ଏକ ବଡ଼ ବିମାନ ଦୁର୍ଘଟଣା ହୋଇଥିଲା । ଯେଉଁଥିରେ କେବଳ ଜଣେ ଯୁବତୀ ଜୀବିତ ଫେରିଥିଲେ । ସେ ହେଉଛନ୍ତି ୨୨ ବର୍ଷୀୟା ଭେସ୍‌ନା ଭଲୋଭିକ୍ । ସେ ଯୁଗୋସ୍ଲୋଭିଆ ଏୟାରଲାଇନ୍ସର ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଭାବେ କାମ କରୁଥାନ୍ତି । ୧୯୭୨ ମସିହା ଜାନୁଆରୀ ୨୬ରେ ସେ ଜେଏଟି ଯୁଗୋସ୍ଲୋଭିଆ ଏୟାରଲାଇନ୍ସର ୩୬୭ ଫ୍ଲାଇଟ୍‌ରେ ଆଟେଣ୍ଡାଣ୍ଟ ଥିଲେ । ଉଡାଣ ଭରିବାର ୪୬ ମିନିଟ ପରେ ସମୟ ପ୍ରାୟ ଅପରାହ୍ନ ୪ଟା ହେବ, ବିମାନଟି ୩୩,୩୩୩ ଫୁଟ୍ ଉଚ୍ଚତାରେ ଉଡୁଥିବାବେଳେ ହଠାତ୍ ଏକ ବମ୍ ବିସ୍ଫୋରଣ ହେଲା । ବିମାନଟି ଜଳିଯିବା ସହ ତିନି ଖଣ୍ଡ ହୋଇଗଲା ।  କୁହାଯାଏ ଏହି ବିସ୍ଫୋରଣ ପଛରେ କ୍ରୋଏସିଆର ଆତଙ୍କବାଦୀଙ୍କ ହାତ ଥିଲା । ବିମାନଟି ଖଣ୍ଡ ଖଣ୍ଡ ହୋଇ ଏକ ବରଫାବୃତ୍ତ ପାହାଡରେ ଯାଇ ପଡିଲା । ସେଥିରେ ଥିବା ସମସ୍ତ ୨୭ ଯାତ୍ରୀ ଓ କ୍ରିଉ ମେମ୍ବର ମୃତ୍ୟୁବରଣ କଲେ । ଭେସ୍‌ନା କିନ୍ତୁ ବିମାନର ପଛଭାଗରେ ଏକ ଫୁଡ୍ କାର୍ଟ ବା ଭୋଜନ ଗାଡିରେ ଫସି ଯାଇଥିଲେ । ଏହି ପଛଭାଗଟି ବିମାନଠାରୁ ଅଲଗା ହୋଇ ଚେକୋସ୍ଲୋଭାକିଆର ଗାଁ ସର୍ବସ୍କା କାମେନିସ୍ ନିକଟସ୍ଥ ଜଙ୍ଗଲିଆ ଅଞ୍ଚଳର ବରଫ ଉପରେ ପଡ଼ିଥିଲା । ଫଳରେ ବିମାନ ପଛଭାଗର ପଡିବା ବେଗ କିଛିଟା କମ୍ ହୋଇଯାଇଥିଲା । ତା' ଭିତରେ ଫସି ରହିଥିବା ଭେସ୍‌ନାଙ୍କ ଚିତ୍କାର ଜଙ୍ଗଲରେ କାମ କରୁଥିବା ବ୍ରୁନୋ ହାଙ୍କୋ ନାମକ ଜଣେ ବ୍ୟକ୍ତି ଶୁଣିଥିଲେ । ସେ ଯେତେବେଳେ ଭେସ୍‌ନାଙ୍କ ପାଖରେ ପହଞ୍ଚିଲେ ସେ ଚେତାଶୂନ୍ୟ ଥିଲେ । ପ୍ରଥମେ ହାଙ୍କୋ ତାଙ୍କୁ କିଛି ପ୍ରାଥମିକ ଚିକିତ୍ସା ଦେଲେ । ପରେ ତାଙ୍କୁ ଡାକ୍ତରଖାନା ନେଇଥିଲେ । ସେଠାରେ ଭେସ୍‌ନା ଅନେକ ଦିନଯାଏ କୋମାରେ ରହିଲେ । ତାଙ୍କ ଖପୁରିରେ ଫ୍ରାକ୍ଚର ହେବା ସହ ଦୁଇ ଗୋଡ ଭାଙ୍ଗି ଯାଇଥିଲା । ମେରୁଦଣ୍ଡର ତିନିଟି ହାଡ଼ ଭାଙ୍ଗିଥିଲା । ସେଥିରୁ ଗୋଟେ ତ ପୂରା ଚୂନା ହୋଇ ଯାଇଥିଲା । ଶ୍ରୋଣୀ ହାଡ ସହ ପିଞ୍ଜରା ହାଡ ବି ଭାଙ୍ଗିଥିଲା । ଏତେ ସବୁ ଆଘାତ ଯୋଗୁ ଅଣ୍ଟାଠାରୁ ତଳ ପର୍ଯ୍ୟନ୍ତ ଅସ୍ଥାୟୀଭାବେ କିଛିଦିନ ପାଇଁ ପାରାଲାଇଜ୍ ହୋଇଯାଇଥିଲା । ହେଲେ ସେ ପର୍ଯ୍ୟନ୍ତ ସେ ଜାଣି ନ ଥିଲେ ତାଙ୍କ ସହ କ'ଣ ହୋଇଥିଲା ବୋଲି । ଦୁର୍ଘଟଣାର ଦୁଇ ସପ୍ତାହ ପରେ ଯେବେ ତାଙ୍କ ମାତାପିତା ତାଙ୍କୁ ଏହି ଦୁର୍ଘଟଣା ସମ୍ପର୍କରେ କହିଲେ ତେବେ ଯାଇ ସେ ଜାଣିଲେ । ଆଉ ଡାକ୍ତର ଯେତେବେଳେ ତାଙ୍କୁ ଖବରକାଗଜର ହେଡ ଲାଇନ୍ ଦେଖାଇଲେ ସେ ପୁଣି ଚେତାଶୂନ୍ୟ ହୋଇଯାଇଥିଲେ । ସେଥିପାଇଁ ଡାକ୍ତର ବାଧ୍ୟ ହୋଇ ତାଙ୍କୁ ବେହୋସ ହେବାର ଔଷଧ ଦେଇଥିଲେ । ଦୁର୍ଘଟଣା ପୂର୍ବର ଯେଉଁ କଥା ଭେସ୍‌ନାଙ୍କର ମନେଥିଲା ତାହା ହେଉଛି ଯାତ୍ରୀମାନଙ୍କୁ


→





ବିମାନରେ ପ୍ରବେଶ କଲାବେଳେ ସେ ଅଭିବାଦନ ଜଣାଉଥିଲେ। ଏହାପରର କୌଣସି ଘଟଣା ତାଙ୍କର ମନେ ନ ଥିଲା। ସେ ଯାହା ବି ହେଉ ତାଙ୍କ ଶରୀର କିଭଳି ଆଗପରି ପୁନଃ କାର୍ଯ୍ୟକ୍ଷମ ହୋଇପାରିବ ସେଥିପାଇଁ ଅନେକ ଅପରେସନ୍ ହୋଇଥିଲା। କେହି ଭାବି ନ ଥିଲେ ଉଲୋଭିକ ବଞ୍ଚିବେ ବୋଲି। ହେଲେ ୧୦ ମାସ ପରେ ସେ ସୁସ୍ଥ ହେବା ସହ ଚାଲିବାକୁ ସକ୍ଷମ ହେଲେ। ହେଲେ ମେରୁଦଣ୍ଡର ହାଡ଼ ମୋଡି ହୋଇଯାଇଥିବାରୁ ସେ ଆଜୀବନ ଛୋଟେଇ ଛୋଟେଇ ଚାଲିଲେ। ପରେ ପୁଣି ଏୟାର ଲାଇନ୍ସରେ ଡେସ୍କ ଜବ୍ ବି କଲେ। ଆଉ ଏକ କୌତୂହଳର କଥା ହେଉଛି ତାଙ୍କ ଭାଗ୍ୟରେ ବୋଧହୁଏ ଲେଖାଥିଲା ଏତେସବୁ କଷ୍ଟ ଭୋଗିବା। କାରଣ ସେଦିନ ଯେଉଁ ବିମାନଟି ଦୁର୍ଘଟଣାଗ୍ରସ୍ତ ହେଲା ସେଥିରେ ତାଙ୍କର ଡ୍ୟୁଟି ନ ଥିଲା। ବରଂ ଭେସ୍ନା ନାମ୍ନୀ ଆଉଜଣେ ଆଟେଣ୍ଡାଣ୍ଟଙ୍କର ଡ୍ୟୁଟି ଥିଲା। ହେଲେ ଭୁଲ୍ ବୁଝାମଣା ଯୋଗୁ ଭେସ୍ନା ଉଲୋଭିକ୍‌ଙ୍କର ସେଦିନ ସେହି ଫ୍ଲାଇଟ୍‌ରେ ଡ୍ୟୁଟି ପଡ଼ିଥିଲା। ସେ ଯାହା ବି ହେଉ ଈଶ୍ୱର ତାଙ୍କୁ ସାହା ହେଲେ । ଏତେ ବଡ଼ ଦୁର୍ଘଟଣାରେ, ପୁଣି ବିନା ପାରାସୁଟ୍‌ରେ ଏତେ ଉଚ୍ଚତାରୁ ପଡ଼ି ବି ସେ ଜୀବିତ ରହିଲେ। ତେଣୁ ତାଙ୍କ ନାଁ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା। ଯୁଗୋସ୍ଲୋଭିଆରେ ଭେସ୍ନାଙ୍କୁ ନାୟିକାଭାବେ ସମ୍ମାନ ଦିଆଯାଏ। ସେ ସମୟର ତତ୍କାଳୀନ ରାଷ୍ଟ୍ରପତି ଯୋସିପ୍ ବ୍ରୋଜ୍ ଟିଟୋ ତାଙ୍କୁ ବହୁତ ପ୍ରଶଂସା କରିଥିଲେ। ତାଙ୍କ ନାଁରେ ଗୀତ ବି ତିଆରି ହୋଇଥିଲା। ଭେସ୍ନା ୬୬ ବର୍ଷ ବୟସରେ ୨୦୧୬ମସିହାରେ ମୃତ୍ୟୁବରଣ କରିଥିଲେ।

**ବଞ୍ଚିଥିଲେ ଏକମାତ୍ର କୁନିଝିଅ:** ଏହା ୩୮ ବର୍ଷ ତଳର କଥା। ୧୯୮୭ ମସିହା ଅଗଷ୍ଟ ୧୬ ତାରିଖରେ ଆମେରିକାର ଡେଟ୍ରୋଇଟ ମେଟ୍ରୋ ଏୟାରପୋର୍ଟରୁ ନର୍ଥୱେଷ୍ଟ ଏୟାରଲାଇନ୍ସର ଫ୍ଲାଇଟ୍ ୨୫୫ ଉଡାଣ ଭରିବାକୁ ଯାଉଥାଏ। ୬ଜଣ କ୍ରିଉ ମେମ୍ବରଙ୍କ ସହ ୧୪୯ ଜଣ ଯାତ୍ରୀ ଏଥିରେ ଥାଆନ୍ତି। ଯାତ୍ରୀଙ୍କ ମଧ୍ୟରେ ୨୧ଜଣ ପିଲା ଥିଲେ। ହଠାତ୍ ବିମାନର ଦୁଇ ୱିଙ୍ଗ ଭଲରେ ଖୋଲିଲା ନାହିଁ। ପ୍ଲେନ୍‌ର ବାମ ୱିଙ୍ଗ ଏକ ବିଦ୍ୟୁତ୍ ଖୁଣ୍ଟ ସହ ବାଜିଗଲା। ବିମାନ ବାମପଟକୁ ୯୦ଡିଗ୍ରୀ ଢଳିଗଲା। ଆଉ ଏଭିସ୍ କାର୍ ରେଣ୍ଟାଲ ବିଲ୍ଡିଂର ଛାତରେ ଧକ୍କା ହୋଇଗଲା। ଫଳରେ ଅନିୟନ୍ତ୍ରିତ ବିମାନ ମିଡିଲବେଲ୍ଟ ରୋଡରେ ଓଲ୍ଟା ହୋଇ ଦୁର୍ଘଟଣାଗ୍ରସ୍ତ ହେଲା। ବିମାନ ଖଣ୍ଡ ଖଣ୍ଡ ହୋଇଗଲା। ଆଉ ନିଆଁ ଲାଗିଗଲା। ଏତେ କମ୍ ସମୟରେ ବହୁତ ବଡ଼ ଦୁର୍ଘଟଣା ଘଟିଯାଇଥିଲା। ଉଦ୍ଧାରକାରୀଗଣ ଦୁର୍ଘଟଣାସ୍ଥଳକୁ ଦୌଡିଲେ। ହେଲେ ସେଠି ଆଉ କେହି ଜୀବିତ ନ ଥିଲେ। କେବଳ ଚାରି ବର୍ଷର କୁନି ଝିଅଟିଏ ଜୀବିତ ମିଳିଲା। ଝିଅଟି ସିଟ୍‌ବେଲ୍ଟରେ ବନ୍ଧା ହୋଇଥିଲା। ଆଉ ସିଟ୍ ତଳକୁ ମୁହଁ କରିଥିଲା। ପରିବାର ସଦସ୍ୟଙ୍କ ମୃତ ଶରୀରଠାରୁ କିଛି ଫୁଟ୍ ଦୂରତାରେ ସେ ପଡ଼ିଥିଲା। ଦୁର୍ଘଟଣାରେ ଝିଅଟିର ମା'ବାପା ଓ ଭାଇଙ୍କର ମୃତ୍ୟୁ ହୋଇଯାଇଥିଲା। ଝିଅଟି ଶରୀରରେ ବି ଅନେକ କ୍ଷତ ଥିଲା। ବାମ ଗୋଡର ଅନେକ ହାଡ ଭାଙ୍ଗି ଯାଇଥିଲା। ଖପୁରି, କଲାରବୋନ୍‌ରେ ଫ୍ରାକ୍ଚର ହୋଇଥିଲା। ତା'ସହ ଶରୀରର ଅନେକ ସ୍ଥାନ ପୋଡିଯାଇଥିଲା। ଜଣାପଡ଼ିଲା ଝିଅଟି ଆରିଜୋନାସ୍ଥ ଟେମ୍ପେର। ଯାହାର ନାଁ **ସିସିଲିଆ ସିଚାନ**। ସିସିଲିଆ ନିଜ ପରିବାର ସହ ପେନ୍‌ସିଲଭାନିଆର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ଫେରୁଥିଲେ। ଏଟିଏସ୍‌ବି ଯାଞ୍ଚ କରି ଜାଣିବାକୁ ପାଇଲେ ଯେ, ଉଡାଣ ଚାଳକ ଦଳ ପ୍ରପର୍ ଚେକ୍ ଲିଷ୍ଟ ଫଲୋ କରି ନ ଥିଲେ କି ପ୍ରପର୍ ପ୍ରୋସିଜ୍ୟୁର୍ ଅନୁସରଣ କରି ନ ଥିଲେ। ଯେଉଁଥିରେ ଉଡାଣ ପାଇଁ ବିମାନର ଫ୍ଲାପ୍ ଓ ସ୍ଲାଟ୍ସକୁ ଠିକଭାବେ ସେଟ୍ କରିବା ସାମିଲ ଥିଲା। ହେଲେ ତାହା ହୋଇ ନ ପାରିବାରୁ ବିମାନ ପ୍ରସ୍ଥାନ କରିବାର କିଛି ସମୟ ପରେ ହିଁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେଲା। ୧୪୯ ଜଣ ଯାତ୍ରୀଙ୍କ ଭିତରୁ ୧୪୮ଜଣଙ୍କ ମୃତ୍ୟୁ ହୋଇଗଲା। ଏହାପରେ ସିସିଲିଆ ମାମୁ ମାଈଁଙ୍କ ସହ ରହିବା ପାଇଁ ଆଲବାମାର ବରମିଙ୍ଗହାମ୍ ଚାଲି ଯାଇଥିଲେ । ୨୦୧୧ରେ ସେ ପ୍ରଥମ ଥର ପାଇଁ ନିଜର ଅନୁଭୂତି ଗଣମାଧ୍ୟମ ସହ ଶେୟାର କରିଥିଲେ। ସେ କହିଥିଲେ-ଦୁର୍ଘଟଣା ସମୟରେ ମୁଁ ଛୋଟ ଥିଲି। ତେଣୁ ବଡ଼ ହେବା ସହ ସବୁ କିଛି ଭୁଲି ଯାଇଥିଲି। ହାଇସ୍କୁଲରେ ପଢିବାବେଳେ ଜାଣିଲି ବିମାନ ଦୁର୍ଘଟଣାରେ ମୁଁ ଏକମାତ୍ର ଜୀବିତ ଯାତ୍ରୀ ଥିଲି। ଏ ଘଟଣାକୁ ଯେମିତି ମୁଁ ସବୁ ମୁହୂର୍ତ୍ତରେ ମନେ ପକାଇବି ସେଥିପାଇଁ ହାତରେ ଉଡାଜାହାଜର ଟାଟୁ କରାଇଛି।



ନେଷ୍ଟର ମାଟା



ଭେସ୍ନା ଉଲୋଭିକ୍



ଜୁଲିୟନ କୋପକ



ସିସିଲିଆ ସିଚାନ



ଅନେଟ୍ ହର୍ଫକିଂସ



ବିଶ୍ୱାସକୁମାର ରମେଶ

**ରୋମାଣ୍ଟିକ୍ ଟ୍ରିପ୍ ଦେଲା ଜୀବନର ସବୁଠୁ ବଡ଼ ଦୁଃଖ:** ୧୯୯୨ ମସିହାରେ ଭିଏଟନାମ ଏୟାର ଲାଇନ୍ସର ଫ୍ଲାଇଟ୍ ସଂଖ୍ୟା ୪୭୪, ଭିଏଟନାମର ଏକ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନ ଦୁର୍ଘଟଣାରେ ବି ସମସ୍ତେ ମୃତ୍ୟୁବରଣ କରିଥିବା ବେଳେ କେବଳ ଜଣେ ମହିଳା ଜୀବିତ ଫେରିଥିଲେ। ସେ ହେଉଛନ୍ତି ଅନେଟ୍ ହର୍ଫକିଂସ। ସେତେବେଳେ ହର୍ଫକିଂସ୍‌ଙ୍କୁ ୩୧ ବର୍ଷ ବୟସ। ସେ ତାଙ୍କର ଫିଆନ୍ସ ବା ବାଗ୍‌ଦତ୍ତାଙ୍କ ସହ ଏହି ଫ୍ଲାଇଟ୍‌ରେ ଥିଲେ। ୧୩ ବର୍ଷର ସମ୍ପର୍କ ଥିଲା ସେମାନଙ୍କର। ହର୍ଫକିଂସ ଜଣେ ଟ୍ରେଡର ଥିବାବେଳେ ତାଙ୍କ ବାଗ୍‌ଦତ୍ତା ଥିଲେ ବ୍ୟାଙ୍କର। ଉଭୟେ ୬ ମାସ ପରସ୍ପରଠାରୁ ଦୂରରେ ରହିବା ପରେ ଏକ ରୋମାଣ୍ଟିକ ବ୍ରେକ୍ ପାଇଁ ହୋଚିମିନ୍‌ରୁ ଭିଏଟନାମ ଯାଉଥିଲେ। ପ୍ଲେନ୍‌ଟି ବେଶ୍ ଛୋଟ ଥିଲା। ୨୫ ଜଣ ଯାତ୍ରୀଙ୍କ ସହ ୬ଜଣ କ୍ରିଉ ମେମ୍ବର ଥିଲେ। ହର୍ଫକିଂସଙ୍କୁ ଛୋଟିଆ ସ୍ଥାନରେ ଆବଦ୍ଧ ରହିବା ଭାରି ଭୟ ଲାଗେ। ତେଣୁ ଏହି ବିମାନରେ ଯିବାକୁ ଇଚ୍ଛା କରୁ ନ ଥିଲେ। ହେଲେ ତାଙ୍କ ବାଗ୍‌ଦତ୍ତା କହିଲେ ଡରିବାର କିଛି ନାହିଁ। ଖୁବ କମ୍ ସମୟର ଫ୍ଲାଇଟ୍। କେତେବେଳେ ସରିଯିବ ଜଣାପଡ଼ିବନି। ହେଲେ ହଠାତ ବିମାନଟିର ନୋଜ୍ ବା ଅଗ୍ରଭାଗ ତୀବ୍ର ଗତିରେ ତଳକୁ ଖସିବାକୁ ଲାଗିଲା। ଦେଖୁ ଦେଖୁ ବିମାନଟି ଏକ ପାହାଡ ସହ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହେଇଗଲା। ଅନେଟ୍ ହର୍ଫକିଂସଙ୍କୁ ଛାଡି ବିମାନର ସମସ୍ତ ଯାତ୍ରୀ ମୃତ୍ୟୁବରଣ କଲେ। ଏମିତିକି ହର୍ଫକିଂସଙ୍କ ବାଗଦତ୍ତା ବି ମୃତ୍ୟୁବରଣ କରିଥିଲେ। ହର୍ଫକିଂସଙ୍କ ଅଣ୍ଟାଠାରୁ ତଳଭାଗର ଅନେକ ହାଡ ଭାଙ୍ଗି ଯାଇଥିଲା। ଥୋଡିରେ ଆଘାତ ଲାଗିଥିଲା। ତଥାପି ସେ ଚେଷ୍ଟା କରି ବିମାନରୁ ବାହାରକୁ ବାହାରିଥିଲେ। ବହୁ ଚେଷ୍ଟା କରି ପାଣି ଖୋଜି ନିଜକୁ ବଞ୍ଚାଇବାର ପ୍ରୟାସ କଲେ। ପରେ ଉଦ୍ଧାରକାରୀ ଦଳ ହର୍ଫକିଂସଙ୍କୁ ଉଦ୍ଧାର କଲେ। ସେମାନେ ହର୍ଫକିଂସଙ୍କୁ ଯାତ୍ରୀ ତାଲିକା ଦେଖାଇବାରୁ ସେ ତାଲିକା ଭିତରୁ ନିଜର ନାଁ ଉପରେ ଆଙ୍ଗୁଳି ରଖି ସେମାନଙ୍କୁ ଦେଖାଇଲେ। ପରେ ତାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଗଲା। ଦୀର୍ଘଦିନର ଚିକିତ୍ସା ପରେ ସେ ସୁସ୍ଥ ହେଲେ। ହେଲେ ଏହି ଦୁର୍ଘଟଣା ତାଙ୍କୁ ଜୀବନର ସବୁଠାରୁ ବଡ଼ ଦୁଃଖ ଦେଇଗଲା। ସବୁଠୁ ଅଧିକ ଭଲ ପାଉଥିବା ମଣିଷକୁ ସେ ହରାଇଥିଲେ। ହର୍ଫକିଂସ୍‌ଙ୍କ ଜୀବନରେ ଘଟିଯାଇଥିବା ଏହି ଘଟଣାକୁ ନେଇ ଏକ ପୁସ୍ତକ ବି ରଚନା କରାଯାଇଛି, ଯାହାର ନାଁ 'ଟର୍ବୁଲାନ୍ସ: ଏ ଟ୍ରୁ ଷ୍ଟୋରି ଅଫ ସର୍ଭାଇଭଲ'।

ଭୟାବହ ବିମାନ ଦୁର୍ଘଟଣାରୁ ଏମାନେ ବର୍ତ୍ତି ଯାଇଛନ୍ତି, ଏକମାତ୍ର ସୌଭାଗ୍ୟବାନର ଆଖ୍ୟା ବି ପାଇଛନ୍ତି ସତ। ହେଲେ ଆଖି ଆଗରେ ଘଟି ଯାଇଥିବା ଏତେ ବଡ଼ ଦୁର୍ଘଟଣାର ଦୃଶ୍ୟ ସେମାନଙ୍କ ମନରୁ କେବେ ବି ଲିଭ ନ ଥିବ। ଆଉ ପ୍ରତି ମୁହୂର୍ତ୍ତରେ ସେମାନଙ୍କୁ ଭିତରେ ଭିତରେ ଜାଳୁଥିବ।

-ଶିବାନୀ ମହାନ୍ତି

# ବାଣୀକଣ୍ଠଙ୍କ ସ୍ୱର ସାଧକ



ମହାବାହୁଙ୍କ କୃପା ଦୃଷ୍ଟି ଥିଲେ କିଛି ବି ଅସମ୍ଭବ ନୁହେଁ। ସେ କାହାକୁ ନେଇ କେଉଁଠି ପହଁଞ୍ଚାଇବେ ସେକଥା କେବଳ ତାଙ୍କୁ ହିଁ ଜଣା। ମୁଁ ସଙ୍ଗୀତଜ୍ଞ ହେବାକୁ କେବେ ସ୍ୱପ୍ନ ଦେଖି ନ ଥିଲି, କିନ୍ତୁ ଏବେ ଲୋକେ ମୋତେ କହୁଛନ୍ତି ସଙ୍ଗୀତଜ୍ଞ। ମୋର ଏହି ସାକାର ରୂପାୟନ ଏବେ ମୋତେ ସ୍ୱପ୍ନପରି ଲାଗୁଛି। ମୂକଂ କରୋତି ବାଚାଳଂ, ପଙ୍ଗୁ ଲଂଘୟତି ଗିରି ପରି ମୋର ଅବସ୍ଥା। ମହାଭାରତରେ ଏକଲବ୍ୟ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କଠାରୁ ତାଙ୍କ ଅଜ୍ଞାତରେ ଅସ୍ତ୍ରଶିକ୍ଷା ଲାଭକରିବା ପରି ମୋର ସଙ୍ଗୀତ ଶିକ୍ଷା ଗୁରୁଙ୍କର ସାନ୍ନିଧ୍ୟଲାଭ ନ କରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ନ ପାଇ ଏକଲବ୍ୟଙ୍କ ଅସ୍ତ୍ର ଶିକ୍ଷା ଭଳି ହୋଇଛି। ଏକଥା କୁହନ୍ତି, ଓଡ଼ିଶାର ଘରେ ଘରେ ପରିଚିତ ବାଣୀକଣ୍ଠଙ୍କ ସ୍ୱରରେ ଅବିକଳ ଗାଇ ପାରୁଥିବା ସୁନାମଧନ୍ୟ କଣ୍ଠଶିଳ୍ପୀ **ଦୁଃଖୀଶ୍ୟାମ ତ୍ରିପାଠୀ**; ଯାହାଙ୍କ ଜନ୍ମ ୯।୭।୧୯୫୩ ମସିହାରେ। ପିତା ଘାସିରାମ ତ୍ରିପାଠୀ। ମାତା ଶ୍ରୀମତୀ ରାଧିକା ତ୍ରିପାଠୀ। ତାଙ୍କ ବାପା ଥିଲେ ସେ ଅଞ୍ଚଳର ଜଣାଶୁଣା ସମାଜସେବୀ ଏବଂ ଲୋକପ୍ରିୟ ସରପଞ୍ଚ। ଘର ସୁଦୂର ବଲାଙ୍ଗୀର ଜିଲାର ଫଟାମୁଣ୍ଡା ପଲ୍ଲୀ ଗ୍ରାମରେ; ଯେଉଁଠି ଏବେ ବି ଗମନାଗମନ ଏକ ଦୁରୂହ ବ୍ୟାପାର। ସେ କୁହନ୍ତି, 'ଏପରି ଏକ ଅନ୍ଧାରୀ ମୂଲକରେ ସଙ୍ଗୀତ ଶିକ୍ଷା କରିବା ଏବେ ବି ଏକ ସ୍ୱପ୍ନ କିନ୍ତୁ ଏହା କିପରି ମୋ ଜୀବନରେ ଘଟିଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ମୋର ଜେଜେବାପା ଗାଁର ଜଣେ ଗୌନ୍ତିଆ ଥିଲେ। ଗୀତ ଶୁଣିବାରେ ତାଙ୍କର ବଡ଼ ସଉକ ଥିଲା। ସେଥିପାଇଁ ଦିନେ ସେ ଏଚ୍‌ଏମ୍‌ଭିର ଚାବିଦିଆ ଗ୍ରାମଫୋନ (କଳଗାଉଣା) ଏବଂ ତା' ସହ କେତେଗୁଡ଼ିଏ ଲାଖ ତିଆରି ରେକର୍ଡ କିଣି ପ୍ରଥମେ ଆମ ଗାଁକୁ ଆଣିଲେ। ଏ ବିଚିତ୍ର ଯନ୍ତ୍ରଟିରୁ ଗୀତ ବାଜିବା ଶୁଣି ଆମ ଘର ଏବଂ ଗାଁର ଲୋକେ ଚକିତ ହୋଇଗଲେ। ମୋତେ ସେତେବେଳକୁ ପାଞ୍ଚବର୍ଷ ବୟସ।

> ଏପଟେ ଜଗତରନାଥ ଶ୍ରୀଜଗନ୍ନାଥ ଅନ୍ୟପଟେ ମୋର ମାନସ ଗୁରୁ ବାଣୀକଣ୍ଠ ମଝିରେ ମୁଁ ନିର୍ବାକ ଅକିଞ୍ଚନ। ମୁଁ ସ୍ତମ୍ଭୀଭୂତ ଅବଚେତନ ଅବସ୍ଥାରେ ବାଣୀକଣ୍ଠଙ୍କ ପାଦରେ ପଡ଼ିଗଲି। ସେ ମୁହୂର୍ତ୍ତର ଅନୁଭବ ଭାଷାରେ ପ୍ରକାଶ କରିବା ଆଜି ମୋ ପକ୍ଷେ ସମ୍ଭବ ନୁହେଁ...

ମୋର ମଧ୍ୟ ଆନନ୍ଦର ସୀମା ନ ଥାଏ। ବିଭିନ୍ନ ଗାୟକଙ୍କ ରେକର୍ଡ ଭିତରୁ କାହିଁକି କେଜାଣି ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ଗୀତ ମୋତେ ବାରମ୍ବାର ଆକର୍ଷିତ କରୁଥାଏ। ମୋ ଭିତରେ ବାଣୀକଣ୍ଠଙ୍କ କଣ୍ଠର ମୂର୍ଚ୍ଛନା ଧୀରେ ଧୀରେ ଏକ ଅହେତୁକ ସ୍ପନ୍ଦନ ସୃଷ୍ଟି କରିବାକୁ ଲାଗିଲା। ଗୀତଗୁଡ଼ିକର ଭାବାର୍ଥ ନ ବୁଝି ମଧ୍ୟ ସେଗୁଡ଼ିକ କ୍ରମେ ମୋର ମୁଖସ୍ଥ ହୋଇଗଲା ଏବଂ ଅଜାଣତରେ ମୁଁ ଗାଇବାକୁ ଲାଗିଲି। ମୋ ଘରେ ଏବଂ ଆଖପାଖ ଲୋକଙ୍କୁ ମୋ କଣ୍ଠ ଆକର୍ଷିତ କଲା। ଲୋକେ କହିବାକୁ ଲାଗିଲେ, ପିଲାଟା ଅବିକଳ ବାଣୀକଣ୍ଠଙ୍କ ପରି ଗାଉଛି। ଏହି ପ୍ରଶଂସାବାଣୀ ମୋତେ ଆହୁରି ଉତ୍ସାହିତ କଲା। ମୁଁ ବାଣୀକଣ୍ଠଙ୍କ ପ୍ରାୟ ସମସ୍ତ ଗୀତ ଧୀରେ ଧୀରେ ଆୟତ୍ତ କଲି। ଘରେ ବାହାରେ ସାଙ୍ଗସାଥୀରେ ସ୍କୁଲ କଲେଜରେ ମୋର ଚର୍ଚ୍ଚା ଆରମ୍ଭ ହେଲା। ବହୁ ପ୍ରଶଂସାର ପୁଷ୍ପ ବୃଷ୍ଟି ଭିତରେ ମୋ ପ୍ରାଣ ଖୋଜିବାକୁ ଲାଗିଲା ମୋର ଅଦୃଶ୍ୟ ମାନସ ଗୁରୁ ବାଣୀକଣ୍ଠଙ୍କୁ। ସେ ମଣିଷ କି ଦେବତା? ମୃତ କି ଜୀବିତ? ଏ ପ୍ରଶ୍ନମାନ ମୋତେ ବ୍ୟସ୍ତ କରି ଦେଉଥାଏ। ଏ








ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା ବାଣୀ ଦିନେ ସଫଳ ହେଲା। ମୋର ବନ୍ଧୁ ପୁରୀର ବନମାଳୀ ପୃଷ୍ଟିଙ୍କ ଯୋଗୁ ୧୯୮୩ ମସିହା ଏପ୍ରିଲ ମାସର ତାରିଖଟି ଠିକ୍‌ରେ ମନେ ନାହିଁ। ମୁଁ ଗୁରୁଙ୍କ ଦର୍ଶନ ଲାଭ କଲି ପୁରୀ ଶ୍ରୀମନ୍ଦିରର ରତ୍ନସିଂହାସନ ନିକଟରେ। ଏପଟେ ଜଗତରନାଥ ଶ୍ରୀଜଗନ୍ନାଥ ଅନ୍ୟପଟେ ମୋର ମାନସ ଗୁରୁ ବାଣୀକଣ୍ଠ ମଝିରେ ମୁଁ ନିର୍ବାକ ଅକିଞ୍ଚନ। ମୁଁ ସ୍ତମ୍ଭୀଭୂତ ଅବଚେତନ ଅବସ୍ଥାରେ ବାଣୀକଣ୍ଠଙ୍କ ପାଦରେ ପଡ଼ିଗଲି। ସେ ମୁହୂର୍ତ୍ତର ଅନୁଭବ ଭାଷାରେ ପ୍ରକାଶ କରିବା ଆଜି ମୋ ପକ୍ଷେ ସମ୍ଭବ ନୁହେଁ। ବନ୍ଧୁ ବନମାଳୀ ପୃଷ୍ଟି ମୋତେ ପରିଚୟ କରାଇ ଦେଲେ। ମୁଁ ତାଙ୍କରି ଗୀତ ସବୁ ଗାଏ ବୋଲି କହିବାରୁ ବାଣୀକଣ୍ଠ ସେହି ମୁହୂର୍ତ୍ତରେ ଗୀତଟିଏ ମହାପ୍ରଭୁଙ୍କୁ ଶୁଣାଇବାକୁ ମୋତେ ଶ୍ରଦ୍ଧାରେ ଆଦେଶ ଦେଲେ। ମୁଁ ତାଙ୍କରି ଗୀତଟିଏ ଗାଉ ଗାଉ ଲକ୍ଷ୍ୟ କଲି ଗୁରୁଙ୍କର ସେହି ତେଜସ୍ୱୀ ମୁଖମଣ୍ଡଳରୁ ପରମ ସନ୍ତୋଷର ପ୍ରକାଶ। ମୋର ପରମ ଆରାଧ୍ୟ ଗୁରୁ ବାଣୀକଣ୍ଠ ସେଦିନ ଗୁରୁଦକ୍ଷିଣା ମାଗିବା ଛଳରେ ଆଦେଶ ଦେଇ କହିଥିଲେ, ତୁମେ ଓଡ଼ିଶାର ବଳିଷ୍ଠ ପାରମ୍ପରିକ ସଙ୍ଗୀତକୁ ବଞ୍ଚେଇ ରଖିବ। ସେହି ଆଦେଶରୂପକ ଆଶୀର୍ବାଦ ପାଇ ଏ ଅଧମ ଦୁଃଖୀଶ୍ୟାମ ଆଜି ଲୋକଙ୍କ ପାଖରେ ପରିଚିତ। ଆଉ ସେବେଠାରୁ ଅନେକ ଭଜନ ଓ ଗୀତରେ କଣ୍ଠଦାନ କରିସାରିଛି। ସେଥି ମଧ୍ୟରୁ– 'ଲୋ ଚାନ୍ଦମୁହିଁ ଯାଉଛି ଦାରୁଖୋଜି ମୁହିଁ', 'କେତେ ଦିନୁ ଧନ ଦେଖିନି ନୟନ', 'ବୋହୂ ଚାଲି ନ ଜାଣଇ ଲୋ', 'କି ହେବ ଶୁଆ ପୋଷିଲେ', 'ଭଜୁ କିନା ରାମ ନାମରେ କୁମର', 'ବାୟା ମନ ଚାଲ ଏଥର' ଆଦି ସଙ୍ଗୀତ ଅନ୍ୟତମ।'

ଦୁଃଖୀଶ୍ୟାମ ୧୯୭୮ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ। ପରେ ତାଙ୍କୁ ଆକାଶବାଣୀ ଓ ଦୂରଦର୍ଶନର ଏ–ଗ୍ରେଡ୍ କଣ୍ଠଶିଳ୍ପୀର ସ୍ୱୀକୃତି ମିଳିଛି। ଏହାବାଦ୍ ୧୯୯୩ରୁ ଓଡ଼ିଶା ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ମଧ୍ୟ ତାଙ୍କୁ ଏ–ଗ୍ରେଡ୍ କଣ୍ଠଶିଳ୍ପୀର ମାନ୍ୟତା ମିଳିଛି। ଏଥିସହିତ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କଠାରୁ ସଙ୍ଗୀତର ମାର୍ଗଦର୍ଶନ ନେଇ ତାଙ୍କ ରଚିତ ବହୁ ଗୀତ ବି ସେ ଗାନ କରିଛନ୍ତି। କେବଳ ସେତିକି ନୁହେଁ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ତୋଷାଳୀ ହସ୍ତତନ୍ତ ମେଳା, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ, ପୂର୍ବାଞ୍ଚଳ ସଂସ୍କୃତି ପରିଷଦ କୋଲକାତା ତରଫରୁ ଶ୍ରୀରାମ ଲୀଳା ପ୍ରାଚୀନ କବିବୈଶ୍ୟ ସଦାଶିବକୃତ ପ୍ରଥମଥର ପାଇଁ ୨୦ଘଣ୍ଟା ସମ୍ପୂର୍ଣ୍ଣ ବହି ଗୀତ ପାଇଁ ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା କଟକ ତରଫରୁ ସଙ୍ଗୀତ ବିଶାରଦ ସମ୍ମାନ, ନୀଳଚକ୍ର ସମ୍ମାନ, ଶ୍ରୀକ୍ଷେତ୍ର କଳା ପ୍ରବେଶିକା ପୁରୀ ଦ୍ୱାରା ସଙ୍ଗୀତ ହରିଚନ୍ଦନ ଉପାଧିରେ ଭୂଷିତ। ବାଣୀକଣ୍ଠ ଜନ୍ମ ଶତବାର୍ଷିକୀରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ବି ସେ ସମ୍ବର୍ଦ୍ଧିତ। ସେହିପରି ଶରଧାବାଲି ଭଜନ ସମାରୋହ ରୌପ୍ୟ ଜୟନ୍ତୀରେ ସଙ୍ଗୀତ କଳା ସମ୍ମାନ, ସଙ୍ଗୀତ ମହାବିଦ୍ୟାଳୟ ସ୍ୱର ଝଙ୍କାର ବଲାଙ୍ଗୀର ଦ୍ୱାରା ଅଷ୍ଟାଦଶ ସାମ୍ବସରିକ ସମାରୋହରେ ବି ସେ ସମ୍ମାନିତ ହୋଇଛନ୍ତି। ଏହା କେବଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଓ ଗୁରୁଙ୍କ ଆଶୀର୍ବାଦରୁ ସମ୍ଭବ ହୋଇପାରିଛି ବୋଲି ସେ କୁହନ୍ତି। ତାଙ୍କ କହିବା କଥା ହେଲା, 'ସଙ୍ଗୀତକୁ ମୁଁ ଜୀବିକା ନୁହେଁ ଜୀବନ କରିଛି। ମୋର ପୁଅ ଶିବାନନ୍ଦ ତ୍ରିପାଠୀ ବି ଭଜନ ଜଣାଣ ଗାଉଛି। ମୁଁ ଭଜନ, ଜଣାଣ, ଓଡ଼ିଶୀ, ଚମ୍ପୂ, ଛାନ୍ଦ, ପଲ୍ଲୀ ଗୀତ ଆଦିରେ କଣ୍ଠଦାନ କରିବା ସହିତ, ଗୀତ ଲେଖିବା ଏବଂ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଉଛି। ଅନ୍ତିମ କାଳ ପର୍ଯ୍ୟନ୍ତ ମୋ ଉପରେ ଗୁରୁକୃପା ବରଷୁଥିବ, ଏହା ମୋର ଦୃଢ଼ ବିଶ୍ୱାସ।' ଆଜି ବାଣୀକଣ୍ଠଙ୍କ ଶୈଳୀ ଏକ ସ୍ୱତନ୍ତ୍ର ଘରାନାରେ ପ୍ରତିଷ୍ଠିତ ହୋଇପାରିଛି। ଆଜି ଓଡ଼ିଶାର ବହୁ କଣ୍ଠଶିଳ୍ପୀ ତାଙ୍କରି ଶୈଳୀରେ ଗାଉଛନ୍ତି ଆଉ ଗାଇବେ ମଧ୍ୟ। ଏହା ଆହୁରି ବିସ୍ତୃତ ହେବ, ଏଥିରେ ସନ୍ଦେହ ନାହିଁ। ଓଡ଼ିଆ ଜାତି ଥିବା ପର୍ଯ୍ୟନ୍ତ ବାଣୀକଣ୍ଠ ସଙ୍ଗୀତ ଏବଂ ବାଣୀକଣ୍ଠ ନାମ ଚିର ଅମର ହୋଇ ରହିଥିବ।

**–ବନବିହାରୀ ବେହେରା**

# ଆଢ଼ପ ଅବଢ଼ା



**ଦାରୁଦିଅଁ ଜଗତ ଠାକୁର। ଭାଇ ଭଉଣୀଙ୍କୁ ସାଥୀରେ ଧରି ଏବେ ଆବିର୍ଭାବ ସ୍ଥଳରେ ବିରାଜିତ। ସେବକ,ଶ୍ରଦ୍ଧାଳୁଙ୍କ ସମାବେଶରେ ମୁଖରିତ ସୁନ୍ଦରାଚଳ। ଆଢ଼ପ ମଣ୍ଡପ ବା ଆଜିର ଶ୍ରୀଗୁଣ୍ଡିଚା ମଣ୍ଡପ ଏବେ ଆକର୍ଷଣର ସ୍ଥଳ। ଆଢ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ଭଳି ଏଠାରେ ଲାଗି ହେଉଥିବା ଆଢ଼ପ ଅବଢ଼ା ପାଇବା ପାଇଁ ଅପେକ୍ଷାରେ ରହିଥାନ୍ତି ଶ୍ରଦ୍ଧାଳୁ ।**

ନବଦିନାତ୍ମକ ଯାତ୍ରାରେ ଶ୍ରୀଜିଉମାନେ ନୀଳାଚଳରୁ ରଥରେ ଆସି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିରାଜମାନ କରନ୍ତି। ତା'ପରଦିନ ଶ୍ରୀବିଗ୍ରହଙ୍କୁ ଗୋଟି ପହଣ୍ଡିରେ ଆଣି ଆଢ଼ପ ମଣ୍ଡପକୁ ବିଜେ କରାଯାଏ। ଏହାପରେ ବିଭିନ୍ନ ନୀତି ବଢି ରାତ୍ରପହୁଡ଼ ସମ୍ପନ୍ନ ହୁଏ। ତହିଁ ପରଦିନ ଦାରୁଦିଅଁଙ୍କୁ ଲାଗି ହୁଏ ମହାପ୍ରସାଦ। ଯାହା ଆଢ଼ପ ଅବଢ଼ା ଭାବେ ସର୍ବଜନବିଦିତ।

ସ୍କନ୍ଦ ପୁରାଣ ବର୍ଣ୍ଣନା ଅନୁଯାୟୀ, ମହାପ୍ରଭୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହୁଛନ୍ତି–ହେ ରାଜା ! ମୋତେ ବର୍ଷକୁ ଥରେ ଗୁଣ୍ଡିଚା ମନ୍ଦିର ନେଇଯିବ। ସେଇ ମୋର ଜନ୍ମସ୍ଥାନ। ମୋର ଅତିପ୍ରିୟ ସ୍ଥଳ। ତେଣୁ ଏହା ରଥଯାତ୍ରାର ପୃଷ୍ଠଭୂମି ଭାବେ ବିବେଚିତ ହୁଏ। ଦାରୁଦିଅଁଙ୍କ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ସମୟରେ ଏଠାରେ ରହି ଅନେକେ ବ୍ରତ ଉପାସନା କରିଥାନ୍ତି। ତୀର୍ଥ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନ ସାରି ମହାପ୍ରଭୁଙ୍କ ଦର୍ଶନ କରନ୍ତି। ଏଠାରେ ଦର୍ଶନକୁ ବି ବହୁ ପୁଣ୍ୟପ୍ରଦ କୁହାଯାଏ। 'ନୀଳାଦ୍ରୌ ତୁ ସହସ୍ରାଣି ଆଢ଼ପ ମଣ୍ଡପେ ଦିନେ' ଅର୍ଥାତ ନୀଳାଦ୍ରି ମଣ୍ଡପ ବା ନୀଳାଚଳରେ ମହାପ୍ରଭୁଙ୍କୁ ହଜାରେ ଥର ଦର୍ଶନ କଲେ ଯେଉଁ ପୁଣ୍ୟ ମିଳେ, ଆଢ଼ପ ମଣ୍ଡପରେ ଥରେ ଦର୍ଶନ କଲେ ତାହା ପ୍ରାପ୍ତ ହୁଏ।

ସେହିଭଳି ଆଢ଼ପ ଅବଢ଼ାର ରହିଛି ବିଶେଷ ମାହାତ୍ମ୍ୟ। ଏ ସମ୍ପର୍କରେ ଐତିହ୍ୟ ବିଶାରଦ **ଡ. ସୁରେନ୍ଦ୍ର କୁମାର ମିଶ୍ର** କୁହନ୍ତି– 'ମହାପ୍ରଭୁ ନୀଳାଚଳସ୍ଥିତ ଶ୍ରୀମନ୍ଦିରରେ ଲୀଳା କରୁଥିବାବେଳେ ତାଙ୍କ ପ୍ରସାଦକୁ କୁହାଯାଏ ମହାପ୍ରସାଦ। ବିଶ୍ୱରେ କୌଣସି ଦେବଦେବୀଙ୍କ ପ୍ରସାଦକୁ ଶାସ୍ତ୍ରରେ ମହାପ୍ରସାଦର ମାନ୍ୟତା ଦିଆଯାଇନାହିଁ। ମହାପ୍ରସାଦର ଅନ୍ୟ ନାମ ଅବଢ଼ା, କୈବଲ୍ୟ, ନିର୍ମାଲ୍ୟ। ଶ୍ରୀମନ୍ଦିର ଭଳି ଗୁଣ୍ଡିଚା ମନ୍ଦିରରେ ସମାନ ପୂଜା, ରୀତିନୀତି ଅନୁଷ୍ଠିତ ହୁଏ। ଆଢ଼ପ ମଣ୍ଡପରେ ମଧ ସମାନ ପଦ୍ଧତିରେ ଅବଢ଼ା ପ୍ରସ୍ତୁତ କରାଯାଏ। ଉଭୟ ମହାପ୍ରସାଦରେ କୌଣସି ତଫାତ୍ ନାହିଁ। ରୋଷେଇ ପ୍ରକ୍ରିୟାରେ ମଧ କୌଣସି ବ୍ୟତିକ୍ରମ ହୋଇ ନ ଥାଏ। ଶାସ୍ତ୍ରରେ ଆଢ଼ପ ମଣ୍ଡପରେ ମହାପ୍ରସାଦକୁ ସାଧୁ ସନ୍ଥ, ଗୁରୁ, ବ୍ରାହ୍ମଣଙ୍କୁ ଦାନ କରିବା ନେଇ ଉଲ୍ଲେଖ ରହିଛି। ଦାନ କଲେ କ'ଣ ଶୁଭଫଳ ମିଳେ ତାହା ମଧ୍ୟ ସେଥିରେ ଉଲ୍ଲେଖ ରହିଛି। ତେବେ ଶାସ୍ତ୍ରରେ ଆଢ଼ପ ମଣ୍ଡପରେ ମହାପ୍ରସାଦକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସେଥିରୁ ଜଣାପଡୁଛି ମହାପ୍ରଭୁ ଯେବେଠାରୁ ଆଢ଼ପ ମଣ୍ଡପକୁ ବିଜେ କରିବା ହେଲେଣି ସେବେଠାରୁ ଆଢ଼ପ ମଣ୍ଡପରେ ମହାପ୍ରସାଦର ପ୍ରଚଳନ ରହିଛି। ଆଉ ଶ୍ରୀମନ୍ଦିରରେ ଅନ୍ନପ୍ରସାଦ ଦାନ ଅପେକ୍ଷା ଶ୍ରଗୁଣ୍ଡିଚା ମନ୍ଦିରରେ ଅନ୍ନପ୍ରସାଦ ଦାନ କଲେ ବହୁ ପୂଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ପ୍ରାଚୀନ କାଳରେ ସମସ୍ତ ସମ୍ପ୍ରଦାୟର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଗୋଟିଏ ଗୋଟିଏ ଶିବିର କରାଯାଉଥିଲା। ଉକ୍ତ ଶିବିରରେ ରହିଥିବା ସାଧୁ ସନ୍ଥଙ୍କୁ ଭକ୍ତ ମାନେ ମହାପ୍ରସାଦ ନେଇ ଦାନ କରୁଥିଲେ। ଏହି ଦାନ ବିଷୟରେ ୧୯୧୨ ମସିହା ନବକଳେବର ସମ୍ପର୍କିତ ଲେଖାରେ ଦେଖିବାକୁ ମିଳେ। ଶ୍ରଦ୍ଧାଳୁମାନେ ଆଢ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରି ସାଧୁ ସନ୍ଥ, ବ୍ରାହ୍ମଣଙ୍କୁ ଦାନ କରିଥାନ୍ତି। ଏହି ପରମ୍ପରା ଏବେ ଆଢ଼ପ ମଣ୍ଡପରେ ବିକାଶ ଲାଭ କରିଛି ।'

**ଅପେକ୍ଷା ଥାଏ ଆଢ଼ପ ଅବଢ଼ାକୁ:** ଶ୍ରୀମନ୍ଦିରରେ ଯେଉଁ ସମୟରେ ଚାହିଁଲେ ଭକ୍ତମାନେ ଅବଢ଼ା ପାଇପାରିବେ। ତଥାପି ଆଢ଼ପ ଅବଢ଼ାକୁ ସମସ୍ତଙ୍କର ଥାଏ ଅପେକ୍ଷା। ଏ ସମ୍ପର୍କରେ କିଛି ଭକ୍ତଙ୍କ ମତାମତ ଥିଲା ଏହିପରି...

ଖୋର୍ଦ୍ଧା ଜାଆଁଳାର **ସମୀର କୁମାର ମହାପାତ୍ର** କୁହନ୍ତି, 'ପ୍ରତିବର୍ଷ ରଥକୁ ପୁରୀ ଆସିଥାଏ। ଆଉ ଅପେକ୍ଷା କରିଥାଏ ଯେମିତି ବି ହେଲେ ଆଢ଼ପ ଅବଢ଼ା ନେଇ ଘରକୁ ଯିବି। କାରଣ ବିଶ୍ୱାସ ରହିଛି ବର୍ଷକ ଯାକ ମହାପ୍ରଭୁଙ୍କ ଦର୍ଶନ କରି ମହାପ୍ରସାଦ ସେବନ କରିବାଦ୍ୱାରା ଯେଉଁ ପୂଣ୍ୟ ମିଳେ ଆଢ଼ପ ମଣ୍ଡପରେ ଗୋଟିଏ ଦିନ ପ୍ରଭୁଙ୍କ ଦର୍ଶନ କରି ମହାପ୍ରସାଦ ପାଇଲେ ତାହା ଠାରୁ ଅଧିକ ପୁଣ୍ୟ ମିଳେ।' ପୁରୀ ବଢ଼େଇ ସାହିର **ଲୋକନାଥ ମହାରଣା**ଙ୍କ ମତରେ, 'ପୁରୀ ବାସିନ୍ଦା ଭାବରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥାଏ। ମାତ୍ର ଆଢ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରି ମହାପ୍ରସାଦ ପାଇବାରେ ଏକ ନିଆରା ଅନୁଭୂତି ଥାଏ। ବାପା ମହାପ୍ରଭୁଙ୍କ ରଥ ନିର୍ମାଣରେ ମହାରଣା ସେବକ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କ ସହ ପିଲାବେଳେ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରୁଥିଲି। ଏବେ ବି କରେ। ଆଉ ଆଢ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ନିଶ୍ଚିତଭାବେ ଆଢ଼ପ ଅବଢ଼ା ପାଏ।' ସେହିପରି ଖୋର୍ଦ୍ଧାର **ତପନ ସାମନ୍ତରାୟ** କୁହନ୍ତି 'ବର୍ଷସାରା ନୀଳାଚଳ ଅବଢ଼ା ପାଇବାର ସୁଯୋଗ ମିଳିଥାଏ। ହେଲେ ଭାଗ୍ୟରେ ଥିଲେ ବର୍ଷକୁ ଥରେ ଆଢ଼ପ ଅବଢ଼ା ପାଇବାର ସୌଭାଗ୍ୟ ମିଳେ।' ଖୋର୍ଦ୍ଧାର **ଗୋପାଳ କୃଷ୍ଣ ଦାସ** କୁହନ୍ତି, 'ଶ୍ରୀମନ୍ଦିରରେ ନୀଳାଚଳ ଅବଢ଼ା ପାଇବାରେ ଯେଉଁ ଆନନ୍ଦ ଅଛି ତା'ଠାରୁ ଅଧିକ ଆନନ୍ଦ ମିଳେ ଶ୍ରୀଗୁଣ୍ଡିଚା ମନ୍ଦିର ଆଢ଼ପ ଅବଢ଼ାରେ। ଘୋଷଯାତ୍ରାରେ ଠାକୁର ଶ୍ରୀଗୁଣ୍ଡିଚାର ରତ୍ନବେଦୀରେ ବିଜେ ପରେ ତୃତୀୟ ଦିନରେ ପ୍ରଥମ ଅବଢ଼ା ବାହାରିଥାଏ। ଏହି ଅବଢ଼ା ପାଇବା ପାଇଁ ଭକ୍ତଙ୍କ ଲମ୍ବା ଧାଡି ଲାଗିଥାଏ। ଏହାରି ମଧ୍ୟରେ ଅବଢ଼ା ଆଣି ଶରଧାବାଲିରେ ବସି ଖାଇବାର ଯେଉଁ ମଜା ତାହା ଅନ୍ୟ କେଉଁଠି ନାହିଁ। ମୁଁ ପ୍ରତିବର୍ଷ ଏହି ସମୟକୁ ଅପେକ୍ଷା କରିଥାଏ।'

**–ବୀରଭଦ୍ର ବିଶ୍ୱାଳ, ଅଜିତ ମହାନ୍ତି**
ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ମହାପ୍ରସାଦର ପରିଭାଷା

ମହାପ୍ରଭୁଙ୍କ ପ୍ରସାଦ ପାଇବା ମାତ୍ରେ ଖାଇବାର ବିଧି ଥିବାରୁ ଓଡ଼ିଆ ଜନମାନସରେ ତାହା ବଢ଼ା ନ ଯାଇ ରନ୍ଧା ମାଟିପାତ୍ରରେ ମଧ୍ୟ ସେବା କରାଯାଏ, ତେଣୁ ତାହାକୁ ଅବଢ଼ା କୁହାଯାଏ। ଅବଢ଼ାର ଅନେକ ନାମ ରହିଅଛି । ସେ ମଧ୍ୟରୁ ମହାପ୍ରସାଦ ନାମଟି ପ୍ରସିଦ୍ଧି ଲାଭ କରିଅଛି । ଏହା ମହାପ୍ରଭୁଙ୍କର ମହାନ ପ୍ରସାଦ ହୋଇଥିବାରୁ ଏହାକୁ ମହାପ୍ରସାଦ କୁହାଯାଏ । ଏହି ମହାପ୍ରସାଦର ବର୍ଣ୍ଣନା ୫୪ଟି ସଂସ୍କୃତ ଏବଂ ଓଡ଼ିଆ ବହିରେ ବର୍ଣ୍ଣିତ ହୋଇଅଛି। ଭାରତରେ କୌଣସି ଦେବଦେବୀଙ୍କ ପ୍ରସାଦକୁ ମହାପ୍ରସାଦ କୁହାଯାଏ ନାହିଁ । ଏପରିକି ଓଡ଼ିଶାରେ ୩୨୦୦ରୁ ଅଧିକ ଶ୍ରୀଜଗନ୍ନାଥ ମନ୍ଦିର ରହିଥିଲେ ମଧ ଶାସ୍ତ୍ରୀୟ ବ୍ୟବସ୍ଥା ଅନୁଯାୟୀ ସେଠାରେ ଉପାସିତ ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ମହାପ୍ରସାଦ କୁହାଯାଏ ନାହିଁ । କେବଳ ଶ୍ରୀମନ୍ଦିରରେ ଭୈରବୀଚକ୍ରରେ ଆଗମ ଓ ନିଗମ ଉଭୟ ବିଧିରେ ପୂଜା ହେଉଥିବା ପ୍ରସାଦକୁ ମହାପ୍ରସାଦ କୁହାଯାଏ । ଅନ୍ନ ଯେଉଁପାତ୍ରରେ ରହି ବ୍ରହ୍ମଙ୍କର ମର୍ଯ୍ୟାଦା ପାଆନ୍ତି, ସେଇ ମର୍ଯ୍ୟାଦାଜନକ ପାତ୍ରକୁ ଓଡ଼ିଆରେ କୁହାଯାଏ ହାଣ୍ଡି ଓ କୁଡୁଆ । ଏହା ମାଟିରେ ଏକ ସ୍ୱତନ୍ତ୍ର ଶୈଳୀରେ ମାପ ଅନୁଯାୟୀ ନିର୍ମିତ ହୁଏ। ଏହାକୁ ନିର୍ମାଣ କରନ୍ତି କୁମ୍ଭକାର ଶିଳ୍ପୀ। ହଜାର ହଜାର ବର୍ଷ ଧରି ଏହି ନିର୍ମାଣ ପରମ୍ପରା ଶ୍ରୀମନ୍ଦିରକୁ କେନ୍ଦ୍ରକରି ମହାପ୍ରଭୁଙ୍କ ଉପାସନା ଆଧାରରେ ଓଡ଼ିଶାରେ ଗଢ଼ିଆସୁଛି ।





# ଯଦି ସତ ହୁଏ...



ଚିତ୍ରାଙ୍ଗଦା

ଚିତ୍ରାଙ୍ଗଦା ସିଂଙ୍କ ଖୁସି କହିଲେ ନ ସରେ। ଯଦିଓ କଥା ପଛରେ କେତେ ସତ୍ୟତା ଅଛି ଜଣାପଡିନି, କିନ୍ତୁ ତାହା ଶୁଣିବା ପରେ ତାଙ୍କର ପାଦ ଆଉ ତଳେ ଲାଗୁନି। କଥା କ'ଣ କି ସଲମାନ ଖାନ୍ ଏବେ ତାଙ୍କର ଆଗାମୀ ଫିଲ୍ମ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ୨୦୨୦ରେ ହୋଇଥିବା ଗଲୱାନ ଉପତ୍ୟକା ଘଟଣାକୁ ନେଇ କାହାଣୀ ଆଧାରିତ। ଏହାର ଟାଇଟଲ ଯଦିଓ ଫାଇନାଲ ହୋଇନାହିଁ, ହେଲେ ଏହି ଫିଲ୍ମରେ ସଲମାନଙ୍କ ସହ ଚିତ୍ରାଙ୍ଗଦା ସ୍କ୍ରିନ୍ ଶେୟାର କରିବେ ବୋଲି ଶୁଣିବାକୁ ମିଳୁଛି। ଯଦିଓ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ବିଧିବଦ୍ଧ ଭାବରେ କିଛି ଘୋଷଣା କରାଯାଇ ନାହିଁ, ହେଲେ ସେପଟେ ଚିତ୍ରାଙ୍ଗଦା ଏହି ଅଫରଟିକୁ ଚାତକ ପରି ଚାହିଁ ବସିଛନ୍ତି। ଏ ନେଇ ସେ କହନ୍ତି, ''ମୁଁ ଯେତେବେଳେ ଏକଥା ଶୁଣିଲି ମୋ ଖୁସିର ସୀମା ରହି ନ ଥିଲା। ଯଦି ପ୍ରକୃତରେ ମୋତେ ଏଭଳି ଅଫର ମିଳେ ତେବେ କଦାପି ହାତଛଡା କରିବି ନାହିଁ। କେବଳ ପ୍ରଯୋଜନା ସଂସ୍ଥାର ଘୋଷଣାକୁ ଅପେକ୍ଷା କରିଛି।'' ସେପଟେ ଏହାର ଶୁଟିଂ ଚଳିତ ବର୍ଷ ନଭେମ୍ବରରୁ ଆରମ୍ଭ ହେବାର ଯୋଜନା ରହିଛି ବୋଲି ସଲମାନ ସୂଚନା ଦେଇଛନ୍ତି।

# କେବଳ ଅଭିନୟ



ରଶ୍ମିକା ମନ୍ଦାନାଙ୍କୁ ନେଇ ଏବେ ଚର୍ଚ୍ଚା। ସେ କୁଆଡେ ହାତକୁ ଦି' ହାତ ହେବାକୁ ଯାଉଛନ୍ତି । ଯେତେବେଳେ ଏଭଳି କଥା ସେ ଶୁଣିବାକୁ ପାଇଲେ, କେମିତି ବା ସେ ଚୁପ୍ ହୋଇ ବସିପାରିଥାନ୍ତେ କହୁନାହାନ୍ତି ! ଶେଷକୁ ବାଧ ହୋଇ ଏଭଳି ଆଲୋଚନା ଉପରେ ସଫେଇ ଦେଇଛନ୍ତି। ରଶ୍ମିକା କହନ୍ତି, ''ଯେଉଁକଥା ବିଷୟରେ ମୁଁ ଆଦୌ ଚିନ୍ତା କରିନି ତାକୁ ନେଇ ଜୋରସୋର୍ ଆଲୋଚନା ଚାଲିଛି। କାହାର ମୁହଁ ତ ମୁଁ ଆଉ ବନ୍ଦ କରିପାରିବିନି ? ମୋତେ ନେଇ ଯିଏ ଯାହା ଆଲୋଚନା କରୁଛି କରୁ, ସେ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ। କାରଣ ଏବେ ମୁଁ କେବଳ ଗୋଟିଏ ଜିନିଷ ଉପରେ ଗୁରୁତ୍ୱ ଦେଉଛି, ଆଉ ତାହା ହେଉଛି ଆକ୍ଟିଂ। ବର୍ତ୍ତମାନ ମୋ ପାଇଁ ମୋ ଅଭିନୟ କ୍ୟାରିୟର ବଡ। ଯେତେବେଳେ ଉପଯୁକ୍ତ ସମୟ ଆସିବ ସେତେବେଳେ ମୁଁ ବିବାହ କଥା ଚିନ୍ତା କରିବି।'' ପାଠପଢ଼ା ଶେଷ ହେବା ପରେ ରଶ୍ମିକା ମଡେଲିଂ ସହ ଜଡିତ ଥିଲେ। କର୍ନାଟକରେ ଜନ୍ମିତା ଏହି ଅଭିନେତ୍ରୀ ୨୦୧୬ରେ 'କିରିକ୍ ପାର୍ଟି' ଟାଇଟଲବିଶିଷ୍ଟ ଏକ କନ୍ନଡ ଫିଲ୍ମରୁ ନିଜର ବଡ ପରଦା ଜୀବନ ଆରମ୍ଭ କରିଥିଲେ। ପୁଣି ଏମିତି ସୌଭାଗ୍ୟ ଯେ ଡେବ୍ୟୁ ସିନେମା ସୁପରହିଟ୍ ହୋଇଥିଲା। ୨୦୨୧ରେ 'ପୁଷ୍ପା : ଦ ରାଇଜ' ତାଙ୍କ ଅଭିନୟ କ୍ୟାରିୟରକୁ ଏକ ନୂଆ ମୋଡ ଦେଇଥିଲା। ଏପରିକି ଗତ ବର୍ଷ ରିଲିଜ ହୋଇଥିବା 'ପୁଷ୍ପା-୨'ରେ ମଧ୍ୟ ସେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଗୁଡବାୟ'। ବର୍ତ୍ତମାନ ନିର୍ମାଣାଧୀନ ହିନ୍ଦୀ ଫିଲ୍ମ 'ଥାମା' ଏବଂ 'କକଟେଲ୍-୨'ରେ ତାଙ୍କୁ ଦେଖିବାକୁ ମିଳିବ।

# ନିଶ ଟେନ୍‌ସନ୍



ଅନିଲ

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ଅନିଲ କପୁର। ଅଭିନେତା ହେବା ପାଇଁ ତାଙ୍କୁ କମ୍ ସଂଘର୍ଷ କରିବାକୁ ପଡି ନ ଥିଲା। କିନ୍ତୁ ଏଭଳି ଦିନ ଆସିଲା ଯେତେବେଳେ ପ୍ରଯୋଜକମାନେ ତାଙ୍କୁ ସାଇନ୍ କରାଇବାକୁ ତାଙ୍କ ପଛରେ ଲମ୍ବା ଲାଇନ୍ ଲଗାଇ ଦେଇଥିଲେ। ହେଲେ ଆପଣ ଜାଣନ୍ତି କି, ଅନିଲ ହିନ୍ଦୀ ସିନେମାର ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ। ହେଲେ ତାଙ୍କର ଅଭିନୀତ ପ୍ରଥମ ହିନ୍ଦୀ ସିନେମା ରିଲିଜ ହୋଇପାରି ନ ଥିଲା। 'ତୁ ପାୟଲ ମେଁ ଗୀତ୍' ଟାଇଟଲ ବିଶିଷ୍ଟ ଏହି ଫିଲ୍ମରେ ସେ ଶଶୀ କପୁରଙ୍କ ପିଲାଦିନର ଭୂମିକାରେ ଅଭିନୟ କରଥିଲେ। ତେବେ ମୁଖ୍ୟ ଭୂମିକାରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା 'ବଂଶ ବୃକ୍ଷମ୍' (୧୯୮୦) ନାମକ ଏକ ତେଲୁଗୁ ଫିଲ୍ମରୁ। ୧୯୮୩ରେ 'ୱୋ ସାତ୍ ଦିନ୍' ହିନ୍ଦୀ ସିନେମାରେ ସେ ପ୍ରଥମ ଥର ପାଇଁ ନାୟକ ସାଜିଥିଲେ। ସେ ଅଭିନୟ କରିଥିବା 'ସାହେବ' ଫିଲ୍ମର 'ପ୍ୟାର୍ ବିନା ଚୈନ କାହାଁରେ' ଗୀତକୁ ଏବେ ବି ଅନେକେ ଗୁଣୁଗୁଣେଇ ଥାଆନ୍ତି। ତାଙ୍କ ଅଭିନୟ ଜୀବନରେ ଏକ ରୋଚକ ଘଟଣା ଘଟିଥିଲା। ତାହା ହେଉଛି-୧୯୯୧ରେ ରିଲିଜ ହୋଇଥିବା ଯଶ ଚୋପ୍ରାଙ୍କ 'ଲମ୍‌ହେ' ପାଇଁ ତାଙ୍କୁ ପ୍ରଥମ ଥର ନିଶ କାଟିବାକୁ ପଡିଥିଲା। ମାତ୍ର ୨ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସରେ ୨୬କୋଟି ଆୟ କରିଥିଲା।

# ଲକ୍ଷ୍ୟ ହାସଲ କରିବକି ଜେନିଫର୍

ଜେନିଫର ଜଣେ ବିଦେଶୀ ତରୁଣୀ। ଓଡିଶାର କଳା ସଂସ୍କୃତି ଜାଣିବାକୁ ସେ ପୁରୀକୁ ଆସିଛି। ହେଲେ ତା' ଭିତରେ ସେ କାଳିଆ ନାମକ ଜଣେ ବାଲୁକାଶିଳ୍ପୀ ସଂସ୍ପର୍ଶରେ ଆସିଛି। ଆଉ ତା'ପରେ କ'ଣ ହେଉଛି? କାଳିଆ ସେହି ବିଦେଶିନୀକୁ କ'ଣ ସାହାଯ୍ୟ କରୁଛି, ଜେନିଫର ତା' ଲକ୍ଷ୍ୟ ହାସଲ କରିପାରୁଛି ତ ? ଦୁହିଁଙ୍କ ଭିତରେ ସୃଷ୍ଟି ହୋଇଥିବା ପ୍ରେମ ସମ୍ପର୍କ ଶେଷରେ କି ରୂପ ନେଉଛି ? ଏଭଳି ଅନେକ ପ୍ରଶ୍ନର ଉତ୍ତର ରହିଛି ଏହି ସିନେମାରେ। ଚିତ୍ରଟିର ଟାଇଟଲ ରହିଛି 'ଆଇ ଆମ କାଳିଆ'। ଏଥର ବାହୁଡାରେ ରିଲିଜ ହେଉଥିବା ଏହି ସିନେମାରେ ଜେନିଫର ଭୂମିକାରେ ଅଭିନୟ କରିଛନ୍ତି ଜଣେ ବିଦେଶୀ ଅଭିନେତ୍ରୀ ଆନିୟା। ଆଉ ଟାଇଟଲ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ହରିହର ମହାପାତ୍ର ଓରଫ ହରି ଭାଇ। ତୁର୍କମେନିସ୍ତାନରେ ଜନ୍ମିତା ଏହି ଅଭିନେତ୍ରୀଙ୍କର ଏହା ହେଉଛି ପ୍ରଥମ ଓଡ଼ିଆ ସିନେମା। ସେ ଜଣେ ପ୍ରସିଦ୍ଧ ଥିଏଟର ଅଭିନେତ୍ରୀ। ଖାସ୍ କଥା ହେଲା, ହରି ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମଟିରେ ପ୍ରଯୋଜନା କରିଛନ୍ତି ସୁବାସ ସାହୁ।



ଆନିୟା

# ଆକ୍ସନ ଅବତାର

ଆଲିୟା ଭଟ୍ଟ ପ୍ରଥମ ଥର ପାଇଁ ବଡ ପରଦାରେ ଆକ୍ସନ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ଏହି ଫିଲ୍ମଟିରେ ରହସ୍ୟ, ରୋମାଞ୍ଚ ଭରି ରହିଛି। ଫିଲ୍ମଟିର ଟାଇଟଲ ରହିଛି 'ଆଲ୍‌ଫା'। ୨୦୨୩ରେ ଏହାର ଶୁଟିଂ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଏଭଳି ଏକ ରୋଲ୍‌ର ସଫଳତାକୁ ନେଇ ଆଲିୟା ଏବେ ଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ଯଶରାଜ ଫିଲ୍ମସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା। ଏହି ଫିଲ୍ମ ବିଷୟରେ ଆଲିୟା କହନ୍ତି, '' ଫିଲ୍ମଟିକୁ ନେଇ ମୁଁ ବହୁତ ଆଶା ରଖିଛି। ଜଣେ ମହିଳା ଗୁପ୍ତଚର କିପରି ଏକ କଷ୍ଟକର ମିଶନ ଆରମ୍ଭ କରୁଛି ଆଉ ତାହାକୁ ପୂରଣ କରିବାକୁ ସେ କିପରି ବିଭିନ୍ନ ବାଧାବିଘ୍ନ ସମ୍ମୁଖୀନ ହେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ରୋଲ୍‌ଟିକୁ ତୁଲାଇବାକୁ ମୋତେ ବହୁତ କଷ୍ଟ କରିବାକୁ ପଡିଛି। ଫିଲ୍ମଟିର କାହାଣୀ ସମ୍ପୂର୍ଣ୍ଣ ଭାବରେ ଆକ୍ସନଭିତ୍ତିକ ଏବଂ ଏହାର ମୁଖ୍ୟ ଚରିତ୍ର ହେଉଛି ଜଣେ ନାରୀ। ତେଣୁ ଏହି ଫିଲ୍ମ ମୋ କ୍ୟାରିୟର ପାଇଁ ନିଶ୍ଚୟ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।'' ଫିଲ୍ମଟି ଚଳିତବର୍ଷ ଡିସେମ୍ବର ୨୫ରେ ରିଲିଜ ହେବାକୁ ଯାଉଛି। ଏହା ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ନିର୍ମାଣ କରାଯାଇଛି। ଶିବ୍ ରାୱଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



ଆଲିୟା



ତ୍ରିପ୍ତି

# ପୋଷ୍ଟର ବୟଜ ହିଟ୍ ହୋଇ ନ ଥିଲେ...

ତ୍ରିପ୍ତି ଡିମରି ଏବେ ନିଜ ଅଭିନୟ କ୍ୟାରିୟରର ପ୍ରାରମ୍ଭିକ ଅବସ୍ଥାକୁ ମନେ ପକାଉଛନ୍ତି। ୨୦୧୭ରେ ହିନ୍ଦୀ ସିନେମା 'ମମ୍'ରେ ସେ ପ୍ରଥମେ ଅଭିନୟ କରିଥିଲେ। ଏଥିରେ ତାଙ୍କୁ ଏକ ଛୋଟ ଭୂମିକା ମିଳିଥିଲା। ସେହି ବର୍ଷ ସେ 'ପୋଷ୍ଟର ବୟଜ' ଫିଲ୍ମର ବି ଅଫର ପାଇଥିଲେ। ଶ୍ରେୟାଶ ତଲପଡେଙ୍କ ପ୍ରଥମ ନିର୍ଦ୍ଦେଶିତ ଏହି ସିନେମା ବକ୍ସ ଅଫିସରେ ଭଲ ବିଜନେସ୍ କରିଥିଲା। ଆଉ ଏଥିରେ ନିଜ ଭୂମିକା ପାଇଁ ତ୍ରିପ୍ତି ସାଉଁଟିଥିଲେ ଅନେକ ପ୍ରଶଂସା। ଏ ନେଇ ସେ କହନ୍ତି, 'ମୋ ଅଭିନୀତ ପ୍ରଥମ ସିନେମା 'ମମ୍' ଭଲ ବିଜନେସ୍ କରିଥିଲେ ବି ଏହା ମୋ କ୍ୟାରିୟରକୁ ସେତେଟା ମାଇଲେଜ ଦେଇ ନ ଥିଲା। କାରଣ ଏଥିରେ ମୁଁ ଏକ ଛୋଟ ଭୂମିକା (କଲେଜ ଛାତ୍ରୀ)ରେ ଅଭିନୟ କରିଥିଲି। ହେଲେ 'ପୋଷ୍ଟର ବୟଜ'ର ସଫଳତା ମୋତେ ଏକ ନୂଆ ବାଟ ଦେଖାଇଥିଲା। ତା'ପରେ ମୋତେ କେତୋଟି ଭଲ ଭଲ ଅଫର ମିଳିଲା ଏବଂ ମୁଁ ମୋ କ୍ୟାରିୟରକୁ ଆଗକୁ ନେଇ ପାରିଲି। ଯଦି ଏହି ସିନେମା ହିଟ୍ ହୋଇ ନ ଥାନ୍ତା, ମୋତେ ବୋଧହୁଏ ଆହୁରି ସଂଘର୍ଷ କରିବାକୁ ପଡିଥାଆନ୍ତା।'' 'ଆନିମଲ' (୨୦୨୩)ପାଇଁ ତାଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି-'ଲୈଲା ମଜ୍‌ନୁ', 'ବ୍ୟାଡ୍ ନ୍ୟୁଜ୍' ଏବଂ 'ଭୁଲ ଭୁଲେୟା ୩'। ବର୍ତ୍ତମାନ ସେ ଅଭିନୟ କରିଥିବା 'ଧଡକ ୨'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୧ରେ ରିଲିଜ ହେବାକୁ ଯାଉଛି।

**ପ୍ରଥମ ରୋଜଗାର**

# ପରିବାର ସହ ବାଣ୍ଟିଥିଲି ପ୍ରଥମ ରୋଜଗାରର ଖୁସି

**ସାହିତ୍ୟିକା ଶକ୍ତିପ୍ରଭା ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**



**ଜୀ**ବନରେ ପଇସାର ମୂଲ୍ୟ ବହୁ ଅଧିକ। ପିଲାଦିନରୁ ଆମେ ଦେଖିଛୁ କମଳା ଚକୋଲେଟ୍ ହେଉ କି ପପିନ୍ସ କିଣିବା ପାଇଁ ବାପା ପକେଟରୁ ପଇସା କାଢ଼ି ଦୋକାନୀକୁ ଦିଅନ୍ତି। ରିକ୍ସାବାଲାକୁ ପଇସା ଦେଲେ ସେ ତା' ରିକ୍ସାରେ ବସାଇ ଉଦ୍ଦିଷ୍ଟ ଜାଗାରେ ପହଞ୍ଚାଇ ଦିଏ। ବସ୍‌ରେ ବସିବା ପାଇଁ କଣ୍ଡକ୍ଟର ପଇସା ନିଏ। ପାଠ ବହି, ଖେଳଣା, ମେଳା ମଉଜରେ ଖେଳିବା, ଖାଇବା ସବୁଥିପାଇଁ ପଇସାର ଆବଶ୍ୟକତା ପଡ଼ିଥାଏ। ଘରର ସବୁ ଦରକାରୀ ଜିନିଷ ପଇସା ଦେଇ କିଣାହୋଇଥାଏ। ସେଥିପାଇଁ ପିଲା ମୁଣ୍ଡରେ ଏମିତି ଏକ ଧାରଣା ବଳବତ୍ତର ହୋଇ ରହିଯିବା ସ୍ୱାଭାବିକ, ପଇସା ବହୁ ଶକ୍ତିଶାଳୀ। କିନ୍ତୁ ପଇସା ଥାଏ ମା'ବାପାଙ୍କ ହାତରେ। ପିଲାଟିଏ ତା'ର ଆବଶ୍ୟକତା ପୂରଣ କରିବା ପାଇଁ ମା'ବାପାଙ୍କୁ ପଇସା ମାଗେ। ବିନା ପଇସାରେ ସେ କିଛି କରିପାରେନା। ପାଠପଢ଼ା ସମୟରେ ମା'ବାପା ଭଲ ପଢ଼ିଲେ ଭଲ ଚାକିରି ପାଇବୁ କହିବାବେଳେ ପ୍ରକାରାନ୍ତରେ ପିଲାଟିକୁ ଅର୍ଥ ଉପାର୍ଜନ କରିବାକୁ ପ୍ରେରିତ କରିଥାନ୍ତି। ବଡ଼ ହେବା ଅବସ୍ଥାରେ ଧୀରେ ଧୀରେ ପିଲାଟି ଜାଣିନିଏ ତାକୁ ବି ନିଜର ପ୍ରାପ୍ତି, ଖୁସି ପାଇଁ ବାପାଙ୍କ ଭଳି ପଇସା ରୋଜଗାର କରିବାକୁ ହେବ। ସଂସାରରେ ସ୍ନେହ, ପ୍ରେମ, ଭାଇଚାରା ଯେତେ ଅଧିକ ଥାଉ ନା କାହିଁକି ଅର୍ଥ ନ ଥିଲେ ସବୁ କିଛି ଫିକା ଲାଗେ। ମୋର ଅଭିଜ୍ଞତାକୁ ଆସିଲେ ମୁଁ ଏତିକି କହିବି ଯେ, ପିଲାଟି ଦିନରୁ ମୁଁ ଭଲ ପାଠ ପଢୁଥିଲି। ମୋ ନାଁରେ ସ୍କଲାରଶିପ୍ ଟଙ୍କା ଆସୁଥିଲା। ଘରକୁ ଆସୁଥିବା କୁଣିଆ ବି ଫେରିଯିବାବେଳେ ମୋ ହାତରେ କିଛି ପଇସା ଦେଉଥିଲେ। କିନ୍ତୁ ସେ ସବୁ ପଇସା ଯାଉଥିଲା ମା'ବାପାଙ୍କ ପାଖକୁ। କାରଣ ସେମାନଙ୍କର ଧାରଣା ଥିଲା, ଛୋଟ ପିଲା ହାତରେ ପଇସା ପଡ଼ିଲେ ସେ ବାଟବଣା ହୋଇଯିବ। ତେଣୁ ମୋର ବି ବଡ଼ ହୋଇ ପଇସା ରୋଜଗାର କରିବାର ଏକ ଲୁକ୍କାୟିତ ଇଚ୍ଛାଟିଏ ପିଲାଟି ଦିନରୁ ମନରେ ଜମାଟ ବାନ୍ଧିଯାଇଥିଲା। ପାଠ ପଢୁଥିବା ଅବସ୍ଥାରେ ୧୯୮୫ ମସିହାରେ ମୋର ବିବାହ ହୋଇଗଲା। ଖୁବ୍ ଜଲ୍‌ଦି ବି ଦୁଇଟି ଛୁଆର ମା' ହୋଇଗଲି। ଉଚ୍ଚ ଶିକ୍ଷିତା ଥିବା ସତ୍ତ୍ୱେ ମୋ ପାଇଁ ସେତେବେଳେ ଘର ଆଉ ସନ୍ତାନ ଅଧିକ ପ୍ରାଧାନ୍ୟ ରଖିବାରୁ ଅର୍ଥ ଉପାର୍ଜନର ଯେଉଁ ଲୁକ୍କାୟିତ ଇଚ୍ଛାଟି ମୋ ମନରେ ବସା ବାନ୍ଧିଥିଲା ତାହା ମଉଳିଗଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏମିତି କିଛିବର୍ଷ ବିତିବା ପରେ ମୋ ସ୍ୱାମୀ ଦିନେ ବ୍ୟାଙ୍କରୁ ଫେରି ମୋତେ କହିଲେ, ଆଜି ରେଡିଓ ଷ୍ଟେଶନରୁ ଜଣେ ଲୋକ ଆସିଥିଲେ ଆମ ବ୍ୟାଙ୍କକୁ। ଭାରି ବଢ଼ିଆ ଲୋକ। କଥା ଛଳରେ ସେ କହିଲେ, ସାର୍ ଆପଣଙ୍କ ସ୍ତ୍ରୀ ଯଦି ଆଗ୍ରହ ପ୍ରକାଶ କରିବେ ତେବେ ଆମ କାର୍ଯ୍ୟକ୍ରମରେ ସଞ୍ଚାଳିକା ହେବା ପାଇଁ ସେ ଭଏସ୍ ଟେଷ୍ଟ ଦେଇପାରନ୍ତି। ଯଦି ସିଲେକ୍‌ସନ ହୋଇଯାଏ ମଝିରେ ମଝିରେ ଷ୍ଟେଶନକୁ ଆସି ପ୍ରୋଗ୍ରାମ ବି କରିପାରିବେ ? ଏ କାମରେ ସେ କିଛି ଅର୍ଥ ମଧ୍ୟ ଉପାର୍ଜନ କରିପାରିବେ। ମନ ଭିତରେ ମୋର ଦବିଯାଇଥିବା ଇଚ୍ଛା ଦୀପଟି ପୁଣି ଥରେ ଦପ୍ କରି ଜଳିଉଠିଲା। ମୋର ସ୍ଥିତି ଆଉ ବିବଶତା ଭିତରେ ବି ମୋତେ ସୁହାଉଥିବା ଏକ କର୍ମ ଆସି ହାତରେ ଧରାଦେଉଥିବା କଥା ଭାବି ମୁଁ ଆନନ୍ଦରେ ବିହ୍ୱଳ ହୋଇଗଲି। ସୌଭାଗ୍ୟକୁ ଭଏସ୍ ଟେଷ୍ଟ ଦେଇ ସେଥିରେ ବି କୃତକାର୍ଯ୍ୟ ହେଲି। କାମ ଆରମ୍ଭ କରିବା ପୂର୍ବରୁ ମୋ ନାଁରେ ବ୍ୟାଙ୍କରେ ଆକାଉଣ୍ଟଟିଏ ଖୋଲିବାକୁ ମୋତେ ନିର୍ଦ୍ଦେଶ ଦିଆଗଲା । ଅଳ୍ପ ହେଉ ପଛେ କିଛି ଅର୍ଥ ମୋ ଆକାଉଣ୍ଟରେ ରହିବା କଥା ଭାବି ଉତ୍‌ଫୁଲ୍ଲିତ ହୋଇଥିଲି। ମୋର ପ୍ରଥମ ଶିଶୁ ସଂସାର ପ୍ରୋଗ୍ରାମଟି ସରିବା ପରେ ମୋ ହାତକୁ ଚେକ୍‌ଟିଏ ଆସିଥିଲା । ତାକୁ ନେଇ ମୁଁ ମୋ ସ୍ୱାମୀଙ୍କୁ ଦେବାବେଳେ ଖୁସିରେ କହିଥିଲି, ଜାଣିଛ ଏଇଟା ମୋର ପ୍ରଥମ ରୋଜଗାର। ଏଥିରୁ କିଛି ମନ୍ଦିରରେ ପୂଜାର୍ଚ୍ଚନାରେ ବ୍ୟୟ କରିବା ଆଉ କିଛି ମିଠା ଆଣି ସମସ୍ତେ ଖାଇବା। ପରଦିନ ଆମେ ମନ୍ଦିର ଗଲୁ, ପୂଜାର୍ଚ୍ଚନା କଲୁ ଆଉ ମିଠା କିଣି ସମସ୍ତେ ଖାଇଲୁ। ଫେରିବାବେଳେ ସ୍ୱାମୀଙ୍କୁ ପଚାରିଥିଲି, କେତେ ଟଙ୍କା କାଢ଼ିଥିଲ ?' ହସିଦେଇ ସେ କହିଲେ, ତୁମ ଆକାଉଣ୍ଟରୁ ମୁଁ କେମିତି ଟଙ୍କା କାଢ଼ିବି ? ମୁଁ ପଚାରିଲି, ତା'ହେଲେ ଏଇ ପୂଜା ଆଉ ମିଠା ? ସେ କହିଲେ, ତୁମ ପଇସା ଆଉ ମୋ ପଇସା କ'ଣ ଅଲଗା। ଆକାଉଣ୍ଟରେ ତୁମ ପଇସା ସେମିତି ଥାଉ। ବଢୁ ସେ ପଇସା। ଦୁଇଗୁଣ ଖୁସି ଆଶା କରୁଥିବା ବ୍ୟକ୍ତିକୁ ଅଚାନକ ଚାରି ବା ଆଠଗୁଣ ଅଧିକ ଖୁସି ମିଳିଗଲେ ତାକୁ ଯେମିତି ଲାଗେ, ମୋତେ ସେଦିନ ଠିକ୍ ସେମିତି ଲାଗିଥିଲା। ମୋର ସେହି ପ୍ରଥମ ରୋଜଗାରର ପଇସା ସେଦିନ ମୋତେ ଆଉ ମୋ ପରିବାରର ମୁହଁରେ ଯେଉଁ ଖୁସି ଭରି ଦେଇଥିଲା ତାହା ଜୀବନରେ କେବେ ଭୁଲିହେବ ନାହିଁ।

# ମନ ପାଖେ ମନ ପଡ଼ିଛି ବନ୍ଧା, କେବେ ଆସିବ ମୋ ରଜନୀଗନ୍ଧା

**ପ୍ରଶ୍ନ**–ମୋର ଏବେ ପ୍ରତିଦିନ ଜଣେ ସୁନ୍ଦରୀ ସହ ଭେଟ ହେଉଛି। ସେ କେବଳ ମୋତେ ଦେଖିଲେ ହସିଦେଇ ଚାଲିଯାଉଛି। ତା'ହସରେ କ'ଣ ପ୍ରେମ ରହିଛି ?

*–ସୁଜିତ କୁମାର ଦାସ, କଟକ*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଲାଗୁଛି ସେହି ସୁନ୍ଦରୀ ସହ ପ୍ରଥମ ଦେଖାରୁ ହିଁ ଆପଣ ବୋଧହୁଏ ତାକୁ ମନ ଦେଇ ସାରିଛନ୍ତି। କେବଳ ସେପଟୁ ଗ୍ରୀନ୍ ସିଗନାଲ୍‌କୁ ଅପେକ୍ଷା କରିଛନ୍ତି। ହେଲେ ସବୁ ଚାହାଣି ଆଉ ହସରେ ପ୍ରେମ ନ ଥାଏ। ଆପଣ ଭାବୁଛନ୍ତି ଯେ ସେହି ସୁନ୍ଦରୀ ମନ ପାଖରେ ଆପଣଙ୍କର ମନ ବନ୍ଧା ପଡିଯାଇଛି। କେବଳ ସେ କେବେ ହଁ ଭରିବ ତାହାକୁ ଅପେକ୍ଷା। 'ମନ ପାଖେ ମନ ପଡିଛି ବନ୍ଧା, କେବେ ଆସିବ ମୋ ରଜନୀଗନ୍ଧା।' ବାସ୍, ଅପେକ୍ଷା କରନ୍ତୁ, ଯଦି ଘଟଣା କିଛି ନ ଆଗାଏ, ତେବେ ସେଥିରେ ପୂର୍ଣ୍ଣଚ୍ଛେଦ ପକାଇ ନୂଆ ପ୍ରେମିକାଟିଏ ଖୋଜିବା ବୁଦ୍ଧିମତ୍ତାର କାମ ହେବ।

**ପ୍ରଶ୍ନ**–ପ୍ରେମର ନିଶା ଥରେ ଘାରିଲେ ତାହା ସହଜରେ ଖସି ନ ଥାଏ। ଏକଥା ପଛରେ କ'ଣ ସତ୍ୟତା ରହିଛି ?

*–ଅମିତାଭ ସାହୁ, ଢେଙ୍କାନାଳ*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ତାହା ଅନୁଭବୀ ହିଁ ଜାଣେ। ଯଦି ଏମିତି ପ୍ରେମ ନ କରି ଆପଣ ଭାବିବେ ତେବେ ତାହାର ଅସଲ ମଜା କ'ଣ ପାଇପାରିବେ ? ତେଣୁ ପ୍ରଥମେ ପ୍ରେମ ରାଇଜରେ ପାଦ ଥାପନ୍ତୁ। ମନଲାଖି ପ୍ରେମିକାଟିଏ ଖୋଜନ୍ତୁ। ଯଦି ମିଳିଗଲା, ତା'ହେଲେ ପ୍ରେମ କଲେ ସେଥିରେ କି ମଜା ଅଛି ତାହା ବଳେ ବଳେ ଜାଣିପାରିବେ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ବିବେକ, ପୁରୀ*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣି, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ଥରେ ବସ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି ?

*–ଅଜିତ କୁମାର, ବଡବିଲ*

**ଉତ୍ତର:** ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡ଼ି ପଡିବ ତାହା ଜାଣିପାରିବେ ନାହିଁ। ଯଦି ସେ ଝିଅ ବୟସରେ ବଡ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ ତାହା ଜାଣି ନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନ୍‌ସନ୍‌ର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*–ଅନିକେତ , ଜଗତ୍‌ସିଂହପୁର*

**ଉତ୍ତର:** ପ୍ରଶ୍ନରୁ ଯାହା ଜଣାପଡୁଛି, ଏହି ପ୍ରେମରେ କେଉଁଠି କେଁ ରହିଯାଉଛି। ସେ ଝିଅ ଆପଣଙ୍କ କଥା ଶୁଣି ହସି ଦେଉଛି, ଏଥିରୁ ଅନୁମାନ କରିହେଉଛି ଯେ ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**–ଝିଅଙ୍କ ନଖରାମିରେ ପ୍ରେମ ଲୁଚି ରହିଥାଏ କି ?

*–ତପନ ସାହୁ, କେନ୍ଦୁଝର*

**ଉତ୍ତର:** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ହେଲେ ବେଳେବେଳେ ସେହି ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲୁକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।



**ସାଥୀ**

# ନୟନ ପଟୁଆର

– ପିନାକୀ ମିଶ୍ର

ନିଇତି ଚନ୍ଦନଲେପ ତୋ' ଦେହରେ
ତଥାପି କେତେ ଦରଜ ତୋ ଛାତିରେ ।

ନିଇତି ନୂଆନେତ ତୋ' ଦେଉଳ ମଥାଣରେ
ତଥାପି  ରଣଝଣ ବେଲା ଗଡୁଛି ଦାଣ୍ଡରେ ।

ନିଇତି ମହମହ ତୋ' ଅବଢ଼ାହାଟ ଆନନ୍ଦବଜାର
ତଥାପି କେତେ ଭୋକ ଡହଡହ ଖାଙ୍କରଉଦର ।

ନିଇତି ବଡ଼ଦାଣ୍ଡରେ ଆକର୍ଷଣର ନୟନ ପଟୁଆର
ତଥାପି ତୋ' ଓଠରେ କାହିଁ ହସରକମଳ, ଶବ୍ଦବିମଳ ?

ନିଇତି ଆଡ଼ପରେ ଠେଲାପେଲା ମହାପୁରୁ ଡାକ
ତଥାପି ତୁ ଅସନ୍ତୋଷର ବିମୁଖ ଅପଲକ ।

ନିଇତି ଶ୍ରୀଅଙ୍ଗରେ ଗୋବିନ୍ଦିଆ ଶ୍ରୀମୟପାଟ
ତଥାପି ବୁଲାପାଗିଳୀର ଦେହ ଫୁଙ୍ଗୁଳାଫାଟ ।

ନିଇତି ବଟମୂଳେ ତୋ ଲାଗି ଡୋରିବନ୍ଧା
ତଥାପି ଏ ମାୟାଘେରରେ ତ୍ୟାଗ ପାଏ ନିନ୍ଦା ।

ନିଇତି ଭାଗବତ ଅପରାହ୍ନ ଦେଉଳବେଢ଼ାରେ
ତଥାପି କିଏ ବଦଳୁଛି ଚାରିଦିନ ପରେ ?

ଆସିବା ଦିନୁ ତୁ ଶୋଇନୁ କି ତୁଣ୍ଡ ବି ଖୋଲିନୁ
ତଥାପି ତୁ ସାଆନ୍ତିଆ ଟାହିଆହଲା ଛାଡ଼ିନୁ ।

ଗଗନ ଉଚ୍ଛୁଳେ ଦେଖି ତୋ ନବଦିନ ଯାତ
ଭୂଇଁରେ ଆଦିମ ଲୁହ ତଥାପି ହସୁଛି ପତିତ ।

– କେନ୍ଦୁଝର, ମୋ:୯୪୩୮୧୧୮୩୯୭

# ସକାଳ ର ବୃନ୍ତ ରୁ ଖସିପଡ଼ିଥିବା କାକଳି ପାଇଁ

– କୁମାର ଧର୍ମନ୍

ସକାଳ ର ବୃନ୍ତ ରୁ
ଖସି ପଡ଼ିଥିବା କାକଳିକୁ
ଆଉଥରେ ଯୋଡିବି ବୋଲି
ଖୋଜୁଛି କେତେ ନା କେତେ ରକମର
ଅଠା
ଅରଣ୍ୟକୁ ଫେରେଇ ଦେବାକୁ ତାର
ସବୁଜ ଫୂର୍ତ୍ତି
ଚାଲିଛି ନିଷ୍ଫଳ ଚେଷ୍ଟା ।

ଗୋଟେ ସୁମଧୁର କୁହୁ  କୁ
ଶାଖା ରେ ଯେତେ ଥାପିଲେ
ସେତେ ଯାଉଛି  ଝଡ଼ି
ନଇବଢ଼ି ପରି ପାଖକୁ ଆସୁଚି ମାଡ଼ି
ଦର୍ଦ୍ଦୁରଙ୍କ ଭୀମ ଘଡ଼ଘଡ଼ି ।

ମାଟି ମୋତେ ମାଗୁଛି ଆଜି ତାର
ଭ୍ରୂଣ ସଂଚାର ଶକ୍ତି
ଦିନ ମାଗେ ପ୍ରସନ୍ନ ଉଜ୍ଜ୍ୱଳତା
ରାତି ଲୋଡୁଚି ନିଭୃତ ଅନ୍ଧାର
ହେଲେ ମୁଁ ଅସହାୟ
ଏକାନ୍ତ ନାଚାର ।

– ସୋରଡ଼ା, ଗଞ୍ଜାମ,
ମୋ:୯୪୩୮୫୯୨୩୨୮



# ପୁରସ୍କାର

ମୂଳ ହିନ୍ଦୀ – **ଆଶିଷ ସକ୍ ଲେଚା**, ମଧ୍ୟପ୍ରଦେଶ

ଅନୁବାଦ–**ପ୍ରଭାତ କୁମାର ମହାପାତ୍ର**

ନମ୍ରତା ! ନମ୍ରତା ! କୁଆଡ଼େ ଗଲ ଯେ ! ଆରେ ମୁଁ ପରା ଏଠି ଅଛି.. ! ଆଜି କ'ଣ ଏତେ ଖୁସି..କ'ଣ ହୋଇଛି ତୁମର .. ଜାଣିଛ କି ନାହିଁ ନମ୍ରତା ! ଏ ବର୍ଷ ଆମ ସଂସ୍ଥା... ଅନ୍ୟ ସଂସ୍ଥା ତୁଳନାରେ ଅଧିକ ଚାରା ରୋପଣ କରିଛି । ସବୁଆଡ଼େ କେବଳ ଆମ ସଂସ୍ଥାର ଚର୍ଚ୍ଚା ଓ ପ୍ରଶଂସା । ଦେଖିବ ଆସନ୍ତା ବର୍ଷ... ଶ୍ରେଷ୍ଠ ପର୍ଯ୍ୟାବରଣ ପୁରସ୍କାର ଆମ ସଂସ୍ଥାକୁ ହିଁ ମିଳିବ। ପତିଙ୍କ କଥାରେ ନମ୍ରତା ଟିକିଏ ହସିଦେଇ କହିଲେ, ବହୁତ ବଢ଼ିଆ କଥା ! ପତିପତ୍ନୀଙ୍କ କଥାବାର୍ତ୍ତା ସମୟରେ କେତେବେଳେ ରାମୁ ଆସି ଘର ସଫା କରିବାକୁ ପହଞ୍ଚିଗଲାଣି ।

ନମ୍ରତା ରାମୁକୁ ପଚାରିଲେ, କିରେ ରାମୁ ! ମୁଁ ତୋତେ ଗୋଟିଏ ଚାରା ଲଗାଇବା ପାଇଁ କହିଥିଲି । ଲଗାଇଲୁ କି ନାହିଁ ? ରାମୁ ହସିକରି କହିଲା – ହଁ ମା' ! ଲଗାଇଲି ।

ଆପଣ କହିଥିବା କଥାକୁ... କ'ଣ ମୁଁ ମନା କରିବି ? ମୁଁ ଚାରାଟି ଆମ ଘର ବଗିଚାରେ ଲଗେଇଛି । ରାମୁ ହସି ହସି କହିଲା। ଏହା ଭିତରେ ବର୍ଷେ ବିତିଗଲାଣି ।

ଦିନେ ରାମୁ ମିଠା ନେଇ ଆସିଥିଲା । ତାକୁ ଦେଖି ନମ୍ରତା ପଚାରିଲେ, କିରେ ରାମୁ ! ଆଜି ଏହି ମିଠା କ'ଣ ପାଇଁ ଆଣିଛୁ ? ପୁଅର ଜନ୍ମଦିନ ବୋଧେ ! ରାମୁ ହସି କହିଲା, ମା' ! ପୁଅର ଜନ୍ମ ଦିନ ତ ନୁହେଁ, କିନ୍ତୁ ମୋ ପୁଅଠାରୁ ମଧ୍ୟ... ସେ ଅଧିକ। ନମ୍ରତା ପଚାରିଲେ,ତେବେ ସେ କିଏ ? ରାମୁ କହିଲା,ମା' ! ଆପଣ ବର୍ଷେ ପୂର୍ବରୁ ମୋତେ ଗୋଟିଏ ଚାରା ଲଗାଇବା ପାଇଁ ଦେଇଥିଲେ । ସେ ଏବେ ଗୋଟିଏ ଗଛ ! ନମ୍ରତା ଆଶ୍ଚର୍ଯ୍ୟ ଚକିତ ହୋଇ କହିଲେ.. କ'ଣ ସେହି ଚାରା... ହଁ... ମା' ! ସେ ଆଜି ଏକ ବର୍ଷର ହୋଇଯାଇଛି। ମୁଁ ତାକୁ ନିଜ ପୁଅଠାରୁ ମଧ୍ୟ ଅଧିକ ଲାଳନପାଳନ କରିଛି । ଗତବର୍ଷଠାରୁ ହିଁ ତାକୁ ମନ ଦେଇ ତା'ର ସମସ୍ତ ଯତ୍ନ ନେଇଛି । ଏବେ ସେ ଧୀରେ ଧୀରେ ବଡ଼ ହେବାରେ ଲାଗିଲାଣି ।

ରାମୁର କଥା ଶୁଣି ନମ୍ରତାଙ୍କ ପତି ବିକାଶବାବୁ ଆଶ୍ଚର୍ଯ୍ୟ ହେଲେ । ହଠାତ୍ ନିଜ ସଂସ୍ଥା ଦ୍ୱାରା ବର୍ଷେ ପୂର୍ବରୁ ରୋପିତ ହୋଇଥିବା ଚାରା କଥା ମନେପକାଇଲେ । ସେ ସଙ୍ଗେ ସଙ୍ଗେ ସେହି ସ୍ଥାନକୁ ଗଲେ । ଯେଉଁଠାରେ ଚାରା ସବୁ ଅତି ସୁନ୍ଦର ଭାବରେ ରୋପଣ କରାଯାଇଥିଲା, କିନ୍ତୁ ସେହି ସ୍ଥାନରେ ପହଞ୍ଚି ଯାହା ଦେଖିଲେ, ତାଙ୍କ ପାଦତଳୁ ମାଟି ଖସିଗଲା ଭଳି ପ୍ରତୀୟ ମାନ ହେଲା। ସମସ୍ତ ଚାରା ନଷ୍ଟ ହୋଇଯାଇଥିଲା । ସେ ସବୁ ନଷ୍ଟହେବାର କାରଣ ଖୋଜିବାକୁ ଯାଇ ଦେଖିଲେ, ଦେଖାଶୁଣାର ଅଭାବ ତଥା ମଝିରେ ମଝିରେ ପାଣି ନ ଦେବା ହେତୁ ଚାରାଗୁଡ଼ିକ ଝାଉଁଳି ନଷ୍ଟ ହୋଇଯାଇଛି !

ଘୋର ନୈରାଶ୍ୟ ବଦନରେ ସେ ଘରକୁ ଯେତେବେଳେ ଫେରିଲେ, ନମ୍ରତା ବିକାଶବାବୁଙ୍କୁ ପଚାରିଲେ, ତୁମେ ହଠାତ୍ କାହାକୁ କିଛି ନ କହି କେଉଁ ଆଡ଼େ ଯାଇଥିଲ ? ଆଉ ତୁମର ଏ ମୁହଁ ଏମିତି ଶୁଖିଯାଇଛି କାହିଁକି ? ବିକାଶବାବୁ ଦୁଃଖର ସହ ସବୁ କଥା ନମ୍ରତାଙ୍କୁ କହିଲେ। ନମ୍ରତା ସବୁ ଶୁଣି କହିଲେ, ଲୋକେ ନିଜ ସଂସ୍ଥାର ନାମ ଦେଖେଇ ହେବା ପାଇଁ ଅନେକ ଚାରା ଲଗାଇଥାଆନ୍ତି । ସେଗୁଡିକୁ କେବେ ଦେଖନ୍ତି ନାହିଁ କି ସେହି ଚାରାଗୁଡ଼ିକ କିଭଳି ଅବସ୍ଥାରେ ଅଛନ୍ତି ପଚାରନ୍ତି ନାହିଁ । ଅନେକ ଚାରା ଲଗାଇବା ଅପେକ୍ଷା ଗୋଟିଏ ଚାରା ଲଗାଇ ତା'ର ସମ୍ପୂର୍ଣ୍ଣ ଦାୟିତ୍ୱ ରାମୁ ନେଇଛି । ସେହିଭଳି ଦାୟିତ୍ୱ ନେଲେ... ଅନେକ ଚାରା ବୃକ୍ଷରେ ପରିଣତ ହୋଇପାରିବ... ଏଥିରେ ସନ୍ଦେହ ନାହିଁ।

ନମ୍ରତା ତୁମେ ସତକଥା କହିଛ ! ବିକାଶବାବୁ ରାମୁକୁ ନିଜ ପାଖକୁ ଡାକି ତା'ର ପିଠି ଆଉଁଶି ଦେଇ କହିଲେ.... ସାବାସ୍ ରାମୁ ! ତୁମେ ତ ଆମର ଆଖି ଖୋଲିଦେଲ । ଅଧିକ ଚାରା ଲଗାଇବା ବାଲା ପୁରସ୍କାରର ଯୋଗ୍ୟ ହୋଇ ନ ଥାଆନ୍ତି । ବରଂ ପୁରସ୍କାର ପାଇବା ଯୋଗ୍ୟ ତୁମ ଭଳି ଲୋକ ହିଁ ହୋଇପାରନ୍ତି । ରାମୁର ଅଜାଣତରେ କେତେବେଳୁ ଆନନ୍ଦାଶ୍ରୁ ବହିଯାଇଥିଲା । ନମ୍ରତା ଓ ବିକାଶବାବୁ ଜାଣି ସାରିଥିଲେ ଯେ ରାମୁର ସେହି ଆନନ୍ଦାଶ୍ରୁ... ତାକୁ କେତେ ଶାନ୍ତି ଦେଉଥିବ !

–ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ , ମୋ: ୭୮୯୪୦୦୫୪୫୫





## ହାଃ ହାଃ

### ଇଲାଜ୍

ଥରେ ସ୍ତ୍ରୀ ତା' ସ୍ୱାମୀଙ୍କ ମୋବାଇଲ ଚେକ୍ କରୁଥାଏ। କଣ୍ଟାକ୍ଟରେ ଦେଖିଲେ କାହା ନମ୍ବର 'ଆଖୋଁ କା ଇଲାଜ', କାହା ନମ୍ବର 'ହୋଠୋଁ କା ଇଲାଜ', ପୁଣି କାହା ନମ୍ବର 'ଦିଲ କା ଇଲାଜ୍' ନାଁରେ ସେଭ୍ ହୋଇଛି।
ସ୍ତ୍ରୀ ଯେବେ ନିଜ ନମ୍ବର ସ୍ୱାମୀଙ୍କ ଫୋନ୍‌ରେ ଡାଏଲ କଲେ। ନାଁ ଆସିଲା- 'ଲା ଇଲାଜ୍'।

........................................

### ଶୁଣିଥିଲେ

ନରେଶ ଏକ ବଡ଼ ସମସ୍ୟାରେ ପଡ଼ିବା ପରେ ମାନସଙ୍କୁ: ଯଦି ମୁଁ ପିଲାଦିନେ ମା' କଥା ଶୁଣିଥାନ୍ତି ତେବେ ଆଜି ଏଭଳି ସମସ୍ୟାରେ ପଡ଼ି ନ ଥାଆନ୍ତି।
ମାନସ: ତୋ ମା' କ'ଣ କହୁଥିଲେ କି?
ନରେଶ: କଥା ତ ଶୁଣିନି କେମିତି କହିବି କ'ଣ କହୁଥିଲେ ବୋଲି।

........................................

### ବିଉଟିଫୁଲ୍

ଜଣେ ସୁନ୍ଦରୀ ଯୁବତୀ ଏକ କମ୍ପାନୀରେ ଇଣ୍ଟରଭ୍ୟୁ ଦେଇ ସବୁ ପ୍ରଶ୍ନର ଉତ୍ତର ଠିକ୍ ଠିକ୍ ଦେଲା ପରେ ବି ତାଙ୍କୁ ଚାକିରିରେ ନିଯୁକ୍ତ କରାଗଲାନି। ସେଥିପାଇଁ ଯୁବତୀ: ଆଜ୍ଞା, ଏହି ଚାକିରି ପାଇଁ ମତେ କାହିଁକି ଚୟନ କରାଗଲାନି?
ଚୟନକର୍ତ୍ତା: କାରଣ ଆପଣ ବହୁତ ସୁନ୍ଦର। ଆପଣଙ୍କୁ ଚୟନ କରିଥିଲେ ଅଫିସ୍‌ରେ କାମ କମ୍ ଓ ଆପଣଙ୍କୁ ଚାହିଁବା ଅଧିକ ହୋଇ ଥାଆନ୍ତା।





# କାଙ୍କଣ ଶିଖରୀରେ ଶ୍ରୀଜଗନ୍ନାଥ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ବଡ଼ ବିଚିତ୍ର। କେବେ ନିଜକୁ ଗୋପନ ରଖନ୍ତି ତ ପୁଣି କେବେ ଭକ୍ତଙ୍କ ସହିତ ଲୁଚିଛପି ଲୀଳାଖେଳା ରଚନ୍ତି। ସେମିତି ଚିଲିକା ମଧ୍ୟରେ ମହାପ୍ରଭୁଙ୍କ ଲୀଳାସ୍ଥଳ ପାଲଟିଥିବା କାଙ୍କଣକୁଦ ଅନ୍ୟତମ। ଦିନଥିଲା, ଏଠାରୁ ଶ୍ରୀକ୍ଷେତ୍ରକୁ କାଙ୍କଣ ପଠା ଯାଉଥିଲା। କାଙ୍କଣକୁଦରେ ମହାପ୍ରଭୁଙ୍କ ଲୀଳାକୁ ନେଇ କବିବର ରାଧାନାଥ ରାୟଙ୍କ ଚିଲିକା କାବ୍ୟରେ ଉଲ୍ଲେଖ ରହିଛି- ତରଙ୍ଗବେଷ୍ଟିତ କାଙ୍କଣ ଶିଖରୀ, ଆଦ୍ୟଫଳ ଯା'ର ତରୀ ପୂର୍ଣ୍ଣକରି...। ମାଦଳାପାଞ୍ଜି ଓ କେତେକ ଐତିହାସିକ ତଥ୍ୟରୁ ଜଣାପଡ଼େ ୧୬୧୧ଠାରୁ ୧୭୩୭ ମସିହା ମଧ୍ୟରେ ବିଧର୍ମୀଙ୍କ ଦ୍ୱାରା ବହୁବାର ଶ୍ରୀମନ୍ଦିର ଉପରେ ଆକ୍ରମଣ ହୋଇଥିଲା। ଗଜପତି ମହାରାଜା ରାମଚନ୍ଦ୍ର ଦେବ କଟକ ବାରବାଟୀରେ ବନ୍ଦୀ ଥିବାବେଳେ ଶ୍ରୀମନ୍ଦିର ମୋଗଲଙ୍କ ଅଧିକୃତ ହେବା ଏବଂ କିଛି ଅନିଷ୍ଟ ଘଟିବା ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କ ଦାରୁବ୍ରହ୍ମ ସୁରକ୍ଷା ନିମନ୍ତେ ଚିଲିକାକୁ ଗୋପନୀୟ ଆଶ୍ରୟସ୍ଥଳରୂପେ ବାଛି ନେଇଥିଲେ। ଭାର୍ଗବୀ ନଦୀର ଦୋବନ୍ଧାଘାଟରୁ ଦାରୁବିଗ୍ରହଙ୍କୁ ବଡ଼ପରିଛା ପରମାନନ୍ଦ କୁଅଁର ମହାପାତ୍ର ଓ ସାନପରିଛା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ମଧ୍ୟସ୍ଥ କାଙ୍କଣକୁଦରେ ମହାପ୍ରଭୁଙ୍କୁ ନେଇ ସୁରକ୍ଷିତ ଭାବେ ଅବସ୍ଥାନ କରାଇଥିଲେ। ସେତେବେଳେ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣଥିବା କାଙ୍କଣକୁଦରେ ବିଷାକ୍ତ ସାପ ଆଦି ଜୀବଜନ୍ତୁ ବାସକରୁଥିବା ବେଳେ କାଙ୍କଣ ପ୍ରଚୁର ପରିମାଣରେ ଫଳୁଥିଲା। ୧୭୩୧ରେ ମହାପ୍ରଭୁ ପ୍ରାୟ ୪ ମାସ ୧୬ଦିନ ଅବସ୍ଥାନ କରିଥିଲେ। ୧୭୩୧ରୁ ୧୭୩୨ ମଧ୍ୟରେ ୨ଥର ଶ୍ରୀଜଗନ୍ନାଥ ନଇରୀ ହରିହରେଶ୍ୱର ଦେବଙ୍କ ମନ୍ଦିରକୁ ବିଜେ କରିଥିଲେ। ପ୍ରଥମକରି ଶଗଡ଼ିରେ ରଥଯାତ୍ରା ହୋଇଥିଲା। ଏହି ପୀଠରେ ତିନୋଟି ପଥର ଚକା ରହିଛି। ଏହାକୁ ବିଜେ ଚକା କୁହାଯାଏ। ମନ୍ଦିର ନିକଟରେ ରହିଛି ଜଗନ୍ନାଥ ବଲ୍ଲଭମଠ। ଏହି ମଠ ଦ୍ୱାରା ମହାପ୍ରଭୁଙ୍କ ସେବାକାର୍ଯ୍ୟ ହେଉଥିଲା। କାଙ୍କଣକୁଦରେ ମହାପ୍ରଭୁଙ୍କୁ ଅବସ୍ଥାନ କରାଯାଇଥିବା ବେଳେ ସେବକମାନେ ନିକଟସ୍ଥ ଯମୁନା-ନିର୍ଝରରୁ ମଧୁରଜଳ ନେଇ ମହାପ୍ରଭୁଙ୍କ ସେବାରେ ଉପଯୋଗ କରୁଥିଲେ। ଏହି କୁଦରେ ଫଳୁଥିବା କାଙ୍କଣ ପ୍ରଭୁଙ୍କ ମଣୋହିରେ ଲାଗୁଥିଲା। ପରବର୍ତ୍ତୀ ସମୟରେ କାଙ୍କଣକୁଦରୁ କାଙ୍କଣ ଡଙ୍ଗାରେ ଚିଲିକା ଦେଇ ପୁରୀ ମଙ୍ଗଳାଘାଟ ନଈରେ ପହଞ୍ଚୁଥିଲା। ପୁଣି କେବେ ବୋରକୁଦରେ ଡଙ୍ଗା ପହଞ୍ଚୁଥିଲା। ସେଠାରୁ ଶଗଡ଼ରେ କାଙ୍କଣ ଯାଇ ଶ୍ରୀକ୍ଷେତ୍ରରେ ପହଞ୍ଚୁଥିଲା। ୨୦୦୭ରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ନଇରୀ ଶ୍ରୀହରିହରେଶ୍ୱର ଦେବଙ୍କ ପୀଠକୁ ପରିଦର୍ଶନରେ ଆସିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ୨୦୧୪ ମସିହାରେ ଶ୍ରୀହରିହରେଶ୍ୱରଙ୍କ ପୀଠର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୧୫ ଫେବୃଆରୀ ୯ରେ ଏହିପୀଠରେ ସିଂହାସନ ପ୍ରତିଷ୍ଠା ଓ କାଙ୍କଣଶିଖରୀରେ ବୃକ୍ଷରୋପଣ କରାଯାଇଥିଲା। ସେତେବେଳେ ଏହି କୁଦର ମାଟିତଳୁ ମହାପ୍ରଭୁଙ୍କ ଚନ୍ଦନଘୋରା ପଥର ମିଳିଥିଲା। ପରେ ସ୍ଥାନୀୟ ନଇରୀ ଗ୍ରାମବାସୀଙ୍କ ସହଯୋଗରେ ଏକ ଛାତଘର ନିର୍ମାଣ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନବକଳେବର ଅବସରରେ ଦେବଦୁର୍ଲ୍ଲଭ ନନ୍ଦିଘୋଷ ରଥର ଚକକୁ ୨୦୧୬ ମାର୍ଚ୍ଚ ୨୧ରେ ଏଠାକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଉଛି। ତା ୩୦।୧୨।୨୦୧୮ରୁ ୪।୧।୨୦୧୯ଯାଏ ଶ୍ରୀଜଗନ୍ନାଥ ମହୋତ୍ସବ ହୋଇଥିଲା। ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗ ଦେଇଥିଲେ। ଦିନେ ନଇରୀ ଗ୍ରାମରେ ଶଗଡ଼ିରେ ରଥଯାତ୍ରା ହୋଇଥିଲା। ଆଉ ଏବେ ଏଠାରେ ପ୍ରତିବର୍ଷ ନୌକା ନନ୍ଦିଘୋଷରେ କାଳିଆ ଠାକୁରଙ୍କ ରଥଯାତ୍ରା ହେଉଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ପୀଠର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ଲୁହାତାର ବାଡ଼ ହୋଇଛି। ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କଲ୍ୟାଣମଣ୍ଡପ, ଯଜ୍ଞମଣ୍ଡପ, କୂପ, ରୋଷଘର, ଅତିଥିଗୃହ, ଭଜନମଣ୍ଡପ, କାର୍ଯ୍ୟାଳୟ, ମୁଖଶାଳା, ଜେଟି, ସୋଲାର ଆଲୁଅ, ବିମଳାଙ୍କ ମନ୍ଦିର, ଶ୍ରୀଗଣେଶ, ସିମେଣ୍ଟ ବେଞ୍ଚ ଆଦି ନିର୍ମାଣ ହୋଇପାରିଛି। ପୁଷ୍ପ ଉଦ୍ୟାନ ଓ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ମଣ୍ଡପ ପାଇଁ ପରିକଳ୍ପନା ହୋଇଛି। ଖୋର୍ଦ୍ଧା ଜିଲାର ଗଙ୍ଗାଧରପୁର ରେଳଷ୍ଟେଶନଠାରୁ ନଇରୀ ଗାଁ ପ୍ରାୟ ୩କିମି ଦୂର। ଏହିପୀଠକୁ ଯିବା ପାଇଁ ଏଠାର ଚିଲିକା କୂଳରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ୨ଟି ଡଙ୍ଗା ଚଳାଚଳର ବ୍ୟବସ୍ଥା ହୋଇପାରିଛି। -**ବନବିହାରୀ ବେହେରା**



# ଗୋଆ ଷ୍ଟେଟ୍ ମ୍ୟୁଜିୟମ୍



**ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଗୋଆର ପଣଜିଠାରେ ରହିଛି ଏକ ମନୋରମ ମ୍ୟୁଜିୟମ୍; ଯାହାର ନାଁ ହେଉଛି ଗୋଆ ଷ୍ଟେଟ୍ ମ୍ୟୁଜିୟମ୍। ଏହା ଷ୍ଟେଟ୍ ଆର୍କିଓଲୋଜି ମ୍ୟୁଜିୟମ୍ ଭାବେ ବି ଜଣାଶୁଣା। ୧୯୭୭ ମସିହାରେ ପ୍ରତିଷ୍ଠିତ ଏହି ମ୍ୟୁଜିୟମ୍‌ରେ ପ୍ରାଚୀନ ଇତିହାସ, ପ୍ରତ୍ନତତ୍ତ୍ୱ, କଳା, ହସ୍ତଶିଳ୍ପ ତଥା ଭୂତତ୍ତ୍ୱ ସମ୍ପର୍କିତ ଅନେକ ତଥ୍ୟକୁ ସାଇତି ରଖାଯାଇଥିବା ଦେଖିବାକୁ ମିଳେ...**





## ଗ୍ୟାଲେରୀ

ସୂଚନାନୁଯାୟୀ, ଏହି ମ୍ୟୁଜିୟମ୍‌ରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଭିନ୍ନ ଭିନ୍ନ ପ୍ରାୟ ଚଉଦଟି ଗ୍ୟାଲେରୀ ରହିଛି। ଯେମିତିକି: ମୂର୍ତ୍ତି ଗ୍ୟାଲେରୀ, ଖ୍ରୀଷ୍ଟିଆନ ଆର୍ଟ ଗ୍ୟାଲେରୀ, ମୁଦ୍ରଣ ଇତିହାସ ଗ୍ୟାଲେରୀ, ବାନାର୍ଜୀ ଆର୍ଟ ଗ୍ୟାଲେରୀ, ଧାର୍ମିକ ପ୍ରକାଶନ ଗ୍ୟାଲେରୀ, ସାଂସ୍କୃତିକ ଓ ନୃବିଜ୍ଞାନ ଗ୍ୟାଲେରୀ, ସମସାମୟିକ ଆର୍ଟ ଗ୍ୟାଲେରୀ, ମୁଦ୍ରଣ ବିଜ୍ଞାନ ଗ୍ୟାଲେରୀ, ଗୋଆର ସ୍ୱାଧୀନତା ସଂଘର୍ଷ ଗ୍ୟାଲେରୀ, ମେନେଜେସ ବ୍ରାଗାଞ୍ଜା ଗ୍ୟାଲେରୀ, ଫର୍ଣ୍ଣିଚର ଗ୍ୟାଲେରୀ, ଗୋଆର ପ୍ରାକୃତିକ ଐତିହ୍ୟ ଗ୍ୟାଲେରୀ, ପରିବେଶ ଓ ବିକାଶ ଗ୍ୟାଲେରୀ, ଭୂତତ୍ତ୍ୱ ଗ୍ୟାଲେରୀ ଆଦି ଅନ୍ୟତମ। ତଥ୍ୟ ଅନୁଯାୟୀ, ଉକ୍ତ ମ୍ୟୁଜିୟମ୍‌ରେ ଭାରତର ସମସ୍ତ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ପ୍ରାୟ ୮,୦୦୦ଟି କଳାକୃତିକୁ ବି ଏଠାରେ ସ୍ଥାନ ଦିଆଯାଇଛି।

## ବିଶେଷ ପ୍ରଦର୍ଶନୀ

ଏହି ମ୍ୟୁଜିୟମ୍‌ରେ ବିଭିନ୍ନ ହସ୍ତକଳା ସମ୍ପର୍କିତ ବସ୍ତୁ, ପେଣ୍ଟିଂ ତଥା ଫଟୋକୁ ବି ପ୍ରଦର୍ଶିତ କରାଯାଇଛି। ଏଥିସହିତ ଭାରତର ଇତିହାସ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ମଧ୍ୟ ଏଠାରେ ସ୍ୱତନ୍ତ୍ରଭାବେ ପ୍ରଦର୍ଶିତ କରାଯାଇଛି। ମୁଖ୍ୟତଃ ଏଠାକାର ଖ୍ରୀଷ୍ଟିଆନ୍ ଆର୍ଟ ଗ୍ୟାଲେରୀରେ ବିଭିନ୍ନ ସନ୍ଥ, ଦିବ୍ୟ ପୁରୁଷମାନଙ୍କର କାଠର ମୂର୍ତ୍ତି, ଆଧ୍ୟାତ୍ମିକ ପେଣ୍ଟିଂ ତଥା ସେହି ସମୟର କାଠ ନିର୍ମିତ ବିଭିନ୍ନ ଆସବାବପତ୍ର, ସ୍ୱତନ୍ତ୍ର ରଥ ଏବଂ ଆସ୍ଥାନକୁ ବୁଲି ଦେଖିବା ପର୍ଯ୍ୟଟକଙ୍କୁ ଭିନ୍ନ ଏକ ଅନୁଭୂତି ଦେଇଥାଏ।

## ଲାଇବ୍ରେରୀ

ଏହି ମ୍ୟୁଜିୟମ୍ ଭିତରେ ଥିବା ଲାଇବ୍ରେରୀରେ ବିଭିନ୍ନ ବିଷୟବସ୍ତୁ ଉପରେ ପର୍ଯ୍ୟବସିତ ପ୍ରାୟ ଶତାଧିକ ପୁସ୍ତକ ତଥା ଦସ୍ତାବିଜ୍ ଥିବାର ସୂଚନା ରହିଛି। ବିଶେଷ କରି ଗୋଆର ଇତିହାସ ଉପରେ ଆଧାରିତ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାର ପୁସ୍ତକଗୁଡ଼ିକୁ ପଢି ପର୍ଯ୍ୟଟକ ବହୁ ଅଜଣା କଥା ଜାଣିବାର ସୁଯୋଗ ପାଇପାରିବେ।



ଗୋଆ ଷ୍ଟେଟ୍ ମ୍ୟୁଜିୟମ୍ ; ଯାହାକି ଷ୍ଟେଟ୍ ଆର୍କିଓଲୋଜି ମ୍ୟୁଜିୟମ୍ ଭାବେ ବି ଜଣାଶୁଣା। ଏହା ଗୋଆର ପଣଜିଠାରେ ଅବସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୭୭ ମସିହାରେ ଅସ୍ଥାୟୀ ଭାବେ ଏକ ଛୋଟ ଆର୍କିଓଲୋଜି ମ୍ୟୁଜିୟମ୍ ଗୋଆରେ ପ୍ରଥମ କରି ଖୋଲାଯାଇଥିଲା। ସେତେବେଳେ ଉକ୍ତ ମ୍ୟୁଜିୟମ୍‌ଟି ଏକ ଭଡ଼ା ଘରେ ସ୍ଥାନ ପାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପଣଜିଠାରେ ସ୍ୱତନ୍ତ୍ର ଏକ ବିଲ୍ଡିଂ ନୂଆ କରି ଖୋଲାଯାଇ ଉକ୍ତ ମ୍ୟୁଜିୟମ୍‌ଟିକୁ ସେଠାକୁ ସ୍ଥାନାନ୍ତରିତ କରାଗଲା। ଆଉ ଲୋକଙ୍କ ଦେଖିବା ନିମନ୍ତେ ବିଧିବଦ୍ଧ ଭାବେ ଏହାକୁ ୧୯୯୬ ମସିହାରେ ଖୋଲି ଦିଆଯାଇଥିଲା। ସେବେଠାରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲିଯାଇ ଇତିହାସ ସମ୍ବନ୍ଧୀୟ ବହୁ ଅଜଣା କଥା ଜାଣିବାର ଓ ଦେଖିବାର ସୁଯୋଗ ପାଇପାରୁଛନ୍ତି।

## କିଛି ଜରୁରୀ ଟିପ୍ସ

* ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୧୦ଟାରୁ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ ମ୍ୟୁଜିୟମ୍‌ଟି ପର୍ଯଟକଙ୍କ ଦେଖିବା ନିମନ୍ତେ ଖୋଲା ରହିଥାଏ।
* ପ୍ରବେଶ ପାଇଁ ପର୍ଯ୍ୟଟକଙ୍କୁ କିଛିଟା ନିୟମ ମାନିବାକୁ ହୋଇଥାଏ। ତନ୍ମଧ୍ୟରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ହେଉଛି ମୁଖ୍ୟ କଥା।



# ପ୍ରିୟ ମଣିଷଙ୍କ ପାଉଁଶରେ ତିଆରି ଗହଣା

ନିଜ ଲୋକଙ୍କୁ ହରାଇବାର ଦୁଃଖଠୁ ବଡ଼ ଦୁଃଖ ହୁଏତ ଆଉ କିଛି ନ ଥାଏ। ସେ ଗଲାପରେ ଜୀବନରେ ଏକ ଶୂନ୍ୟତା ଆସିଯାଏ। ସବୁ ସମୟରେ ସବୁ ମୁହୂର୍ତ୍ତରେ ତାଙ୍କର ଅଭାବ ଅନୁଭବ ହୁଏ। ହୃଦୟ ତାଙ୍କ ସ୍ମୃତୀରେ ବିଦାରି ହୋଇଯାଏ। ତେବେ ଏହି ଅଭାବ ଓ ଶୂନ୍ୟତାକୁ କିଛି ମାତ୍ରାରେ ପୂରଣ କରିବା ପାଇଁ ଜଣେ ମହିଳା ଜୁଏଲାରୀ ଡିଜାଇନର୍ ଏକ ଅଜବ ପ୍ରୟାସ କରିଛନ୍ତି।  ଏହି ପ୍ରୟାସ କେବଳ ଖାସ୍ ନୁହେଁ ବରଂ ଅନେକଙ୍କ ପାଇଁ ବେଶ୍ ଇମୋଶନାଲ ମଧ୍ୟ। ଏହି ଜୁଏଲାରୀ ଡିଜାଇନର୍‌ଙ୍କ ନାମ ହେଉଛି ମେଗ୍। ସେ 'ଟ୍ରି ଅଫ୍ ହୋପ୍' ନାମକ ଏକ ଜୁଏଲାରୀ ବ୍ୟବସାୟ କରୁଛନ୍ତି। ମେଗ୍ କହନ୍ତି, 'ଲୋକେ ନିଜର ପ୍ରିୟ ମଣିଷଙ୍କୁ ଖାସ୍ ଅବସରରେ ବହୁତ ମନେ ପକାନ୍ତି। ତାଙ୍କ ଉପସ୍ଥିତି ଚାହାନ୍ତି। ତେଣୁ ମୁଁ ଦୁନିଆ ଛାଡି ଚାଲି ଯାଇଥିବା ପ୍ରିୟ ମଣିଷଙ୍କ ପାଉଁଶରେ ଗହଣା ତିଆରି କରିବାକୁ ଭାବିଲି। ଯାହାକୁ ପିନ୍ଧିଲେ ସେଇ ପ୍ରିୟ ମଣିଷଟି ସବୁବେଳେ ପାଖେ ପାଖେ ଥିବା ପରି ଅନୁଭୂତ ହେବ।' ଏହି ଗହଣାକୁ ତିଆରି କରିବା ପାଇଁ ସେ ପ୍ରଥମେ ପାଉଁଶରେ ନିଳ ରଙ୍ଗର ଡାଇ ମିଶାନ୍ତି। ଏହାପରେ ସେଥିରେ ସେ ରେଜିନ୍ ମିଶାଇ ତାକୁ ପଥରରେ ରୂପାନ୍ତରିତ କରନ୍ତି। ପରେ ଏହି ପଥରରେ ସେ ମୁଦି, ନେକ୍‌ଲେସ୍,ଏମିତିକି ଛୋଟ ଛୋଟ ମୂର୍ତ୍ତି ତିଆରି କରନ୍ତି। ଏହି ଅଳଙ୍କାର ଦେଖିବାକୁ ବେଶ୍ ଆକର୍ଷକ ଓ ଅନ୍ୟ ଅଳଙ୍କାର ପରି ହିଁ ଲାଗେ। ହେଲେ ଏହା ଖୁବ୍ ଖାସ୍। ଲୋକେ ଏହାକୁ ପିନ୍ଧି ନିଜ ପ୍ରିୟ ମଣିଷକୁ ପାଖରେ ପାଇଲା ଭଳି ଅନୁଭବ କରନ୍ତି।





# ବିଲେଇ ଅଧିକ ଶୁଅନ୍ତି କାହିଁକି

**ସେ ପୋଷା ବିଲେଇ ହୁଅନ୍ତୁ କି ବାହାରେ ବୁଲୁଥିବା ବିଲେଇ। ଦେଖିଥିବେ ସେମାନେ ଅଧିକାଂଶ ସମୟ ଶୋଇଥାନ୍ତି। ତେବେ ଜାଣନ୍ତି କି ବିଲେଇମାନେ ଏତେ ଅଧିକ କାହିଁକି ଶୁଅନ୍ତି? ଜାଣନ୍ତୁ ସେ ସମ୍ପର୍କରେ..**



ଗବେଷଣା କହେ ବିଲେଇମାନେ ପ୍ରତିଦିନ ପ୍ରାୟ ୧୫ ଘଣ୍ଟା ଶୋଇଥାନ୍ତି। କିଛି ବିଲେଇ ତ ୨୦ ଘଣ୍ଟା ବି ଶୁଅନ୍ତି। ଖାସ୍ କରି ବୟସ୍କ ବିଲେଇ ଅଧିକ ସମୟ ଶୁଅନ୍ତି। ଅନ୍ୟ ବିଲେଇ ବି ଯେତେବେଳେ ସମୟ ପାଆନ୍ତି ଶୋଇଥାନ୍ତି। ଅନେକେ ଏହାକୁ ସାଧାରଣ ମନେ କରନ୍ତି। ହେଲେ ବିଲେଇ ଏତେ ସମୟ ଶୋଇବା ପଛରେ ଅନେକ କାରଣ ଥାଏ।

ପ୍ରଥମତଃ ବିଲେଇ ହେଉଛନ୍ତି ଏକ ପ୍ରାକୃତିକ ଶିକାରୀ। ଲୁଚି ଲୁଚି ଓ ହଠାତ୍ ଡେଇଁ, ଝାମ୍ପ ମାରି ଏମାନେ ଶିକାର କରନ୍ତି। ଏହି ଶିକାର କରିବା ବହୁତ ଥକେଇ ଦେବା ପରି। କାରଣ ଏଥିରେ ବହୁତ ଶାରୀରିକ ପରିଶ୍ରମ କରିବାକୁ ପଡ଼େ। ଆଉ ଏଭଳି ପ୍ରୟାସ ପାଇଁ ଅଧିକ ଉର୍ଜା ଆବଶ୍ୟକ ହୁଏ।  ଏହି ଉର୍ଜାକୁ ସଞ୍ଚୟ କରିବା ପାଇଁ ବିଲେଇ ଅଧିକ ସମୟ ଶୁଅନ୍ତି।

ବିଲେଇଙ୍କ ଜିନ୍ ବି ସେମାନଙ୍କର ଅଧିକ ସମୟ ଶୋଇବା ପଛର ଏକ କାରଣ। ଜଙ୍ଗଲୀ ବିଲେଇମାନେ ପ୍ରକୃତିରେ ହିଂସ୍ର ହୋଇଥାନ୍ତି। ଏମାନେ ଖାସ୍‌କରି ଭୋର୍‌ରେ ଅବା ସନ୍ଧ୍ୟା ସମୟରେ ଶିକାର କରନ୍ତି। ଅନ୍ୟ ସମୟରେ ସେମାନେ ଶିକାର ପାଇଁ ଉର୍ଜା ସଞ୍ଚୟ କରିବା ଲାଗି ଶୋଇଥାନ୍ତି। ଏମାନେ ୩୦ ମିନିଟ୍‌ର ସର୍ଟ ନ୍ୟାପ୍ ବା ସ୍ୱଳ୍ପ ନିଦ୍ରା ନିଅନ୍ତି। ଏହି ସମୟରେ ସେମାନେ ନିଜ ଆଖପାଖ ପ୍ରତି ସଚେତନ ଥାଆନ୍ତି। ବାସ୍ନା ଓ ଶବ୍ଦ ଶୁଣିପାରନ୍ତି। ମଝିରେ ମଝିରେ କାନ ହଲିବା ସହ ଲାଞ୍ଜ ବି ହଲେଇଥାନ୍ତି। କହିବାକୁଗଲେ ଏହି ନିଦ୍ରାବେଳେ ସେମାନେ ଆଖି ବନ୍ଦ କରି ବି ସତର୍କ ଥାଆନ୍ତି ଓ ଆକ୍ରମଣ ପାଇଁ ପ୍ରସ୍ତୁତ ଥାଆନ୍ତି। ଏମିତିକି ମୂଷାଟିଏ ଯଦି ଆଖପାଖରେ ଯାଏ ତାକୁ ଝାମ୍ପି ନେଇପାରନ୍ତି। ଏହି ସମୟରେ ସେମାନେ କିଛି ମିନିଟର ଗଭିର ନିଦ୍ରାରେ ଯାଇଥାନ୍ତି।

କେବେ କେବେ ଅଧିକ ଚାପଗ୍ରସ୍ତ ହୋଇଥିଲେ ବି ବିଲେଇମାନେ ଅଧିକ ସମୟ ଶୁଅନ୍ତି। ଯଦି ହଠାତ୍ ବିଲେଇଙ୍କର କିଛି ପାରିପାର୍ଶ୍ୱିକ ସ୍ଥିତି ପରିବର୍ତ୍ତନ ହୁଏ ଅବା ପ୍ରତିଦିନର କାର୍ଯ୍ୟକଳାପରେ ପରିବର୍ତ୍ତନ ଆସେ ସେମାନେ ତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ଯାହାକି ସେମାନଙ୍କୁ ଅବସାଦଗ୍ରସ୍ତ କରିଦିଏ। ଫଳରେ ସେମାନେ ପରିବାରଠୁ ଦୂରେଇ ଯାଆନ୍ତି। ଅବା କେବଳ ଜଣେ ସଦସ୍ୟଙ୍କ ସହ ହିଁ ସମ୍ପର୍କରେ ରୁହନ୍ତି। ଆଉ ଅଧିକ ସମୟ ଶୁଅନ୍ତି।

ଏହାବାଦ ଯଦି ବିଲେଇ ରୋଗଗ୍ରସ୍ତ ହୋଇଥାନ୍ତି ତେବେ ବି ସେମାନେ କମ୍ ସକ୍ରିୟ ରହନ୍ତି ଏବଂ ଅଧିକ ଶୁଅନ୍ତି।

ଏହାଛଡ଼ା ଅଧିକ ମୋଟା ହେଇଯାଇଥିଲେ ବି ବିଲେଇ ଅଧିକ ଶୁଅନ୍ତି।


ପାଣିପାଗ ବଦଳିଲେ ମଧ୍ୟ ବିଲେଇ ଅଧିକ ଶୁଅନ୍ତି। ବିଲେଇଙ୍କ ଉପରେ ଶୀତଦିନ ଓ ବର୍ଷାଦିନର ଅଧିକ ପ୍ରଭାବ ପଡିଥାଏ। ଆମେ ଯେମିତି ଏହିଋତୁରେ ଅଳସୁଆ ଅନୁଭବ କରୁ ସେହିଭଳି ବିଲେଇ ବି ଅଳସୁଆ ଅନୁଭବ କରେ ଓ ଅଧିକ ସମୟ ଶୁଏ। ଶେଷରେ  ସୁସ୍ଥ ରହିବା ପାଇଁ ବିଲେଇ ଅଧିକ ସମୟ ଶୋଇଥାନ୍ତି। ଯେତେବେଳେ ବି ଏମାନେ କିଛିଟା ଅସୁସ୍ଥ ଅନୁଭବ କରନ୍ତି, ବିଶ୍ରାମ ନେବାକୁ ପ୍ରାଥମିକତା ଦିଅନ୍ତି। ଆଉ ଅଧିକ ସମୟ ଶୁଅନ୍ତି।



## ପୁସ୍ତକ ସମୀକ୍ଷା

### ଜୀବନ ଚିନ୍ତା


**ସଂକଳକ: ଡକ୍ଟର ଶରତ ଚନ୍ଦ୍ର ରଥ, ସତ୍ୟଶ୍ରୀ ରଥ, ପ୍ରକାଶକ- ଫ୍ରେଣ୍ଡସ୍ ପବ୍ଲିଶର୍ସ ବିନୋଦ ବିହାରୀ, କଟକ-୨, ମୂଲ୍ୟ-୧୦୦ଟଙ୍କା**




ଜୀବନଚିନ୍ତା ପୁସ୍ତକରେ କବିବର ରଧାନାଥ ରାୟଙ୍କ ପାଖରୁ ଆରମ୍ଭ କରି କବି ପଦ୍ମଚରଣ ପଟ୍ଟନାୟକଙ୍କ ସ୍ମରଣୀୟ ପଙ୍କ୍ତିମାନ ପ୍ରକାଶ ପାଇଛି । ସାହିତ୍ୟର ଅନ୍ୟନାମ ପଞ୍ଚମବେଦ । ଏଥିରେ ଆତ୍ମଜ୍ଞାନ ପ୍ରତ୍ୟେକ୍ଷ ଭାବରେ ଥାଉ କି ନ ଥାଉ ଆତ୍ମଜ୍ଞାନ ଅର୍ଜନ ପାଇଁ ମାର୍ଗଦର୍ଶନ ଥାଏ । ତେଣୁ ସାହିତ୍ୟକୁ ବ୍ରହ୍ମାନନ୍ଦ ସହୋଦର ବୋଲି କୁହାଯାଏ । ସାହିତ୍ୟରେ ଜୀବନର ଚିତ୍ର ଉପସ୍ଥାପିତ ହୋଇଥାଏ । ତେଣୁ କୁହଯାଏ ସାହିତ୍ୟ ହେଉଛି ସମାଜର ଦର୍ପଣ । ଜୀବନର ଚିନ୍ତା ମଧ୍ୟ ସାହିତ୍ୟରେ ପ୍ରତିବିମ୍ବିତ ହୋଇଥାଏ । ସେହି ଜୀବନ ଚିନ୍ତା ପାଠକଙ୍କୁ ଶିଖାଏ ବଞ୍ଚିବାର କଳା । ହତାଶାର ଅନ୍ଧାରରେ ଦେଖାଏ ଆଶାର ଆଲୋକ । ଆଧୁନିକ ଓଡ଼ିଆ କାବ୍ୟ କବିତାରେ କେତେକ ଆଲୋକର ରେଖା ରହିଛି । ସେଥିମଧ୍ୟରୁ କେତେକ ରେଖାର ଆଲେଖ୍ୟ ଓ କେତେକ ପ୍ରେରଣାଦାୟୀ ପଙ୍କ୍ତି ଏହି ପୁସ୍ତକରେ ସ୍ଥାନୀତ ହୋଇଛି । ଆଶା ପୁସ୍ତକଟି ପାଠକଙ୍କ ଜୀବନର ଚଲାପଥରେ ନିଶ୍ଚୟ ପାଥେୟ ହେବ ।

### ରୋମାଣ୍ଟିକ୍ କାବ୍ୟଧାରା ଓ କବି ଡଃ ମାୟାଧର ମାନସିଂହ

**ଡକ୍ଟର ସୁନନ୍ଦା ତ୍ରିପାଠୀ**
**ପ୍ରକାଶକ-ଏଥେନା ବୁକ୍ସ, ଭୁବନେଶ୍ୱର-୨**
**ମୂଲ୍ୟ-୩୫୦ଟଙ୍କା**




କେବଳ ପ୍ରେମ ଓ ପ୍ରଣୟ ନୁହେଁ, ମାନବିକ ସଂପ୍ରିତି ମଧ୍ୟ ମାନସିଂହଙ୍କ କବିତାରେ ରୂପାୟିତ । ଜଣେ ରୋମାଣ୍ଟିକ୍ କବି ଭାବରେ ସୃଷ୍ଟିର ରହସ୍ୟ ଜିଜ୍ଞାସାରେ ସେ ଅନେକ କବିତା ରଚନା କରିଥିବାରୁ ତାଙ୍କୁ ରହସ୍ୟ ବାଦୀ ରୋମାଣ୍ଟିକ୍ କବି ଭାବରେ ମଧ୍ୟ ଗ୍ରହଣ କରାଯାଏ । କିନ୍ତୁ ରହସ୍ୟ ଉନ୍ମୁଖତା ତାଙ୍କର ପ୍ରଗାଢ ନୁହେଁ, ସେ ମାନବବାଦୀ ତଥା ପ୍ରେମ ଓ ପ୍ରଣୟର ଜଣେ ବିଶିଷ୍ଟ ରୋମାଣ୍ଟିକ୍ କବି । ଏହି ପୁସ୍ତକର ପ୍ରଥମ ପରିଚ୍ଛେଦରେ ରୋମାଣ୍ଟିକ୍ କାବ୍ୟଧାରାର ଉନ୍ମେଷ ଓ ବିକାଶ, ଦ୍ୱିତୀୟରେ କବି ମାୟାଧର ମାନସିଂହଙ୍କର ସାରସ୍ୱତ ସାଧନା, ତୃତୀୟରେ ମାୟାଧର ମାନସିଂହଙ୍କ କାବ୍ୟଧାରାରେ ରୋମାଣ୍ଟିକ୍ ଚେତନା ଓ ଶେଷ ବା ପଞ୍ଚମ ପରିଚ୍ଛେଦରେ ଓଡିଆ ରୋମାଣ୍ଟିକ୍ କାବ୍ୟଧାରାରେ ମାନସିଂହଙ୍କ ସ୍ଥାନ ଆଦି ରହିଛି । ବିଷୟଗୁଡିକ ଜିଜ୍ଞାସୁ, ଛାତ୍ରୀଛାତ୍ର ତଥା ଗବେଷକ ମାନଙ୍କ ଲାଗି ଏକ୍ ତଥ୍ୟ ଓ ତତ୍ତ୍ୱଭିତ୍ତିକ ଉପାଦେୟ ପୁସ୍ତକ ହେବ ଏଥିରେ ସନ୍ଦେହ ନାହିଁ ।

# ଦେବତା, ଭଗବାନ୍ ଓ ଈଶ୍ୱର



## ଚିନ୍ମୟ ଚିନ୍ତନ

**ଶ୍ରୀ ସନ୍ନ୍ୟାସୀ ଜୀ**

### ଭାଗ-୧୧

ବିନା ଖାଦ୍ୟ ଏବଂ ପାନୀୟରେ ମନୁଷ୍ୟ ବଞ୍ଚିପାରିବ ନାହିଁ । ସେଥିପାଇଁ ପ୍ରତ୍ୟେକ ଦିନ ସମୟ ଅନୁସାରେ ତାକୁ ଖାଦ୍ୟ ଖାଇବାକୁ ପଡ଼ିବ ଏବଂ ସମୟାନ୍ତରରେ ତାକୁ ପାଣି ମଧ୍ୟ ପିଇବାକୁ ପଡିବ । ଏଇ ଦୁଇ କାମ କରିବାକୁ ପଶୁପକ୍ଷୀମାନଙ୍କ ପାଇଁ ସେମିତି କିଛି ଧରାବନ୍ଧା ନିୟମ ନାହିଁ । ଶରୀରର ଆବଶ୍ୟକତା ନିୟମ ଅନୁଯାୟୀ ସେମାନଙ୍କର ପ୍ରକୃତି ବନ୍ଧା । ଅର୍ଥାତ୍ ଶରୀରକୁ ଯେତେବେଳେ ଭୋକ ହେବ ସେତେବେଳେ ସେ ଖାଦ୍ୟ ପାଇଁ ଖୋଜି ବୁଲିବ । ବାଘକୁ ଯେତେବେଳେ ତୃଷା ଲାଗିବ ସେତେବେଳେ ସେ ଜଳପାନ କରିବାକୁ ନଈ ପୋଖରୀ ବା ଝରଣାକୁ ଖୋଜିବସିବ । ଯେତେବେଳେ କ୍ଷୁଧା ଜାତ ହେବ ସେତେବେଳେ ଶିକାର ଅନ୍ୱେଷଣରେ ସେ ବାହାରିବ । ଏ ନିୟମଟି ସଂସାରର ସମସ୍ତ ଜୀବଜନ୍ତୁ ବା ପଶୁପକ୍ଷୀଙ୍କ ପାଇଁ ଉଦ୍ଦିଷ୍ଟ । କିନ୍ତୁ ମଣିଷ ଏ ନିୟମରୁ ସାମାନ୍ୟ ଟିକେ ବାହାରେ । ଭୋକ ବା ଶୋଷ ଲାଗିଲେ ପଶୁପକ୍ଷୀ ଭୋଜନ କରୁଥିବା ପରି ମଣିଷ ଯଦି ସେୟା କରିବସେ ତେବେ ମଣିଷ ଏବଂ ପଶୁପକ୍ଷୀଙ୍କ ଭିତରେ ଫରକ କେଉଁଠି ରହିଲା ଯେ ? ମଣିଷ ତ ସେମାନଙ୍କ ସହ ସମାନ ହୋଇଗଲା । ରାଜା ଭର୍ତ୍ତୃହରି ସୁନ୍ଦର କଥା ଟିଏ କହିଥିଲେ ।

ଆହାର ନିଦ୍ରା ଭୟ ମୈଥୁନ ଚ ସାମାନ୍ୟମେତତପଶୁଭି ନରଣାମ୍,
ଜ୍ଞାନୋ ହି ମେକୋମଧିକବିଶେଷ ଜ୍ଞାନେନ ହୀନା ମନୁଷ୍ୟ ପଶୁଭି ସମାନ ।

ଶ୍ଳୋକଟିର ଅର୍ଥ ହେଉଛି ଆହାର, ନିଦ୍ରା, ଭୟ ଏବଂ ମୈଥୁନ- ଏଇ ଚାରୋଟି ଜିନିଷରେ ମନୁଷ୍ୟ ପଶୁ ସହ ଏକଦମ୍ ବରାବର । ପଶୁ ଖାଏ, ମନୁଷ୍ୟ ଖାଏ । ରାତି ହେଲେ ପଶୁ ଶୁଏ । ମଣିଷ୍ୟ ଶୁଏ । ପଶୁଟିର ତା' ଅପେକ୍ଷା ଅନ୍ୟ ବଳଶାଳୀ ପଶୁଙ୍କଠାରୁ ଭୟ ଥାଏ । ମଣିଷର ଅନ୍ୟକୁ ଭୟ ଥାଏ । ପଶୁମାନେ ମୈଥୁନ କରନ୍ତି । ମଣିଷ ବି ସେୟା କରେ । ଭର୍ତ୍ତୃହରି କହିଲେ ଏଇ ଚାରୋଟି ପ୍ରବୃତ୍ତିରେ ମନୁଷ୍ୟ ପଶୁ ସହ ସମାନ ।

ଭର୍ତ୍ତୃହରିଙ୍କ ଉପରୋକ୍ତ ମତ ସହ ଶ୍ରୀସନ୍ନ୍ୟାସୀ କିନ୍ତୁ ସହମତ ହୋଇପାରୁନି । ଆପଣ ଭାବୁଥିବେ କାହିଁକି ? କାହିଁକି ନା ଭର୍ତ୍ତୃହରି କହୁଛନ୍ତି ଏ ଚାରୋଟି ପ୍ରବୃତ୍ତିରେ ମନୁଷ୍ୟ ପ୍ରାଣୀ ସହ ସମାନ କିନ୍ତୁ ସନ୍ନ୍ୟାସୀ କହୁଛି ନା, ଏଥିରେ ପଶୁପକ୍ଷୀମାନେ ରହିବେ ଉପରେ, ମନୁଷ୍ୟମାନେ ରହିବେ ଖୁବ୍ ତଳେ । ଆରେ ଭାଇ ଆହାର, ନିଦ୍ରା, ଭୟ ଏବଂ ମୈଥୁନ ନିମନ୍ତେ ପଶୁପକ୍ଷୀମାନେ ସ୍ୱତନ୍ତ୍ର ଏକ ନିୟମରେ ବନ୍ଧା । ସୃଷ୍ଟି ଆରମ୍ଭରୁ ସେ ନିୟମ ସେମାନଙ୍କ ପାଇଁ ଅଛି । ଆଜି ମଧ୍ୟ ସେ ନିୟମକୁ ସେମାନେ ପାଳନ କରୁଛନ୍ତି । ପରମାତ୍ମା ବାଘକୁ ଏକ ମାଂସାଶୀ ପ୍ରାଣୀ ରୂପେ ଗଢ଼ିଛନ୍ତି । ସେ କେବଳ ମାଂସ ଖାଇ ହିଁ ଜୀବନ ନିର୍ବାହ କରିବ । ସୃଷ୍ଟିର ଆରମ୍ଭରୁ ସେ ମାଂସ ଖାଇଆସୁଛି ଆଉ ଏବେ ମଧ୍ୟ ସେୟା କରୁଛି । ମାଂସକୁ ଛାଡି ବାଘକୁ ଘାସ ଖାଇବାର କିଏ ଦେଖିଛି କୁହତ ? ଆହାର ନ ପାଇ ଭୋକରେ ଛଟପଟ ହୋଇ ବାଘ ମରିଯିବ ପଛେ କିନ୍ତୁ ସେ କଦାପି ଘାସ ଖାଇବ ନାହିଁ । ତା' ଖାଦ୍ୟ ବିଭାଗୀକରଣକୁ ଆଜି ପର୍ଯ୍ୟନ୍ତ ବାଘ ମାନି ଆସିଛି । କିନ୍ତୁ ମଣିଷ ? ମନୁଷ୍ୟକୁ ପ୍ରକୃତି ବା ପରମାତ୍ମା ମାଂସାଶୀ ନା ଶାକାହାରୀ, କେଉଁ ବିଭାଗର ପ୍ରାଣୀଭାବେ ସୃଷ୍ଟି କରିଛନ୍ତି ? ନିଜକୁ ଶ୍ରେଷ୍ଠ ପ୍ରାଣୀ ବୋଲି ଡିଣ୍ଡିମ ପିଟୁଥିବା ପ୍ରାୟ ସତୁରି ପ୍ରତିଶତ ମଣିଷମାନଙ୍କ ପାଖରେ ଏ ପ୍ରଶ୍ନଟି ଆଜି ଅସମାହିତ ଅବସ୍ଥାରେ ଅଛି । ସେମାନଙ୍କ ଭିତରେ ଡାକ୍ତର ଅଛନ୍ତି, ବୈଜ୍ଞାନିକ ଅଛନ୍ତି, ଓକିଲ ଅଛନ୍ତି, କବି, ସାହିତ୍ୟିକ ଅଛନ୍ତି, ପାଲା ଗାୟକ ଅଛନ୍ତି, ବିଦ୍ୱାନ ଅଛନ୍ତି, କେତେକ ସାଧୁସନ୍ଥ ଅଛନ୍ତି, ଶିକ୍ଷିତ ଅଛନ୍ତି, ଅଶିକ୍ଷିତ ଅଛନ୍ତି । ଏମାନେ ଆଜି ପର୍ଯ୍ୟନ୍ତ ମଣିଷ କେଉଁ ପ୍ରକାରର ପ୍ରାଣୀ, ଏଇ ଛୋଟିଆ କଥାକୁ ଜାଣି ପାରିଲେ ନାହିଁ କିମ୍ବା ଜାଣି କି ଅଜଣା ହୋଇ ରହୁଥିବାର ଅନୁମିତ ହୁଏ । ପରମାତ୍ମା ମଣିଷକୁ ଏକ ଶୁଦ୍ଧ ଶାକାହାରୀ ପ୍ରାଣୀ ଭାବେ ତିଆରି କରିଛନ୍ତି । ସେ କେବଳ ପନିପରିବା, ଶସ୍ୟ ବା ସେହିପରି ଖାଦ୍ୟ ଖାଇବ । ସେ ମାଂସାଶୀ ପ୍ରାଣୀ ଆଦୌ... ଆଦୌ ନୁହେଁ । କିନ୍ତୁ ଏ ବିଭାଗୀକରଣରେ ଖାଦ୍ୟଲୋଭି ମଣିଷ ଆଦୌ ସନ୍ତୁଷ୍ଟ ନୁହେଁ । ପରମାତ୍ମାଙ୍କର ଏ ନିୟମ ମାନିବାକୁ ମଣିଷ ଆଦୌ ରାଜି ନୁହେଁ । ପ୍ରାଣୀମାନେ ନିଜ ନିଜର ଖାଦ୍ୟ ଶୃଙ୍ଖଳାକୁ ନିଷ୍ଠାପର ଏବଂ କଡ଼ାକଡ଼ି ଭାବେ ପାଳନ କରୁଥିବା ବେଳେ ସୃଷ୍ଟିର ଏକମାତ୍ର ଜୀବ ମଣିଷ ଯିଏ କି ଖୋଲାଖୋଲି ନିଜ ପାଇଁ ଥିବା ନିୟମର ବିରୁଦ୍ଧାଚରଣ କରେ । ସେ ଭାତ, ଡାଲି, ପନିର ତରକାରି ଆଦି ଶାକାହାରୀ ଖାଦ୍ୟ ଖାଇବ । ଦରକାର ପଡିଲେ ମାଂସକୁ ବି ଭିଡ଼ିବ । ଆମିଷ ବିନା ତ ଅଧିକାଂଶ ମଣିଷଙ୍କର ପାଟିକୁ ଗୁଣ୍ଡା ଉଠେନି । ଯଦି ସଂକ୍ରାନ୍ତି, ଅମାବାସ୍ୟା କି କିଛି ପୂଜା ପରବ ପଡିଗଲା ତେବେ କଥା ସରିଲା । କେମିତି ରାତି ପାହିବ ଏବଂ ଆଇଁଷ ଗନ୍ଧ ଟିକେ ପାଟିରେ ବାଜିବ ସେଇ ନିଶାରେ ସେମାନେ ଖାଲି ଛଟପଟ ହେଉଥାନ୍ତି । ଆହୁରି ବି କିଛି ଅଛନ୍ତି ସେମାନେ ମାଂସାଦି ଦ୍ରବ୍ୟକୁ ଫ୍ରିଜ୍‌ରେ ରଖି ଖାଆନ୍ତି । ସଂକ୍ରାନ୍ତି ଅମାବାସ୍ୟାକୁ ମାନନ୍ତି ନାହିଁ । ମହାପଣ୍ଡିତଙ୍କ ପରି ମତ ଦିଅନ୍ତି- ଆତ୍ମାକୁ ଭାଇ କଷ୍ଟ ଦିଅନା । ଆତ୍ମା ଚାହୁଁଚି ମାନେ ଖାଅ । ଏମାନଙ୍କର 'ଆତ୍ମଜ୍ଞାନ' ଟା ଅନ୍ୟ ବେଳେ ନୁହଁ, ଠିକ୍ ଖାଇବା ସମୟରେ ହିଁ ଫୁଟିଉଠେ । ସତେ ଯେମିତି 'ଆତ୍ମ ଜ୍ଞାନ'ରେ ଏମାନେ ପିଏଚ. ଡି. କରିଛନ୍ତି । ଏ ନିର୍ବୋଧମାନଙ୍କୁ ସାମାନ୍ୟ ଜ୍ଞାନ ଟିକେ ଜଣା ନ ଥାଏ ଯେ ଆତ୍ମା କିଛି ଖାଏନା । ସେ ତ ଅରୂପ ଆଉ ଅବିନାଶି । ଆମେ ଯାହା ଖାଉ ତା' କେବଳ ଶରୀର ପାଇଁ । ଆତ୍ମା ପାଇଁ ନୁହେଁ ।

ତେଣୁ ଆହାର ଦୃଷ୍ଟିରୁ ଦେଖିଲେ ମନୁଷ୍ୟ କେବେ ବି ପଶୁ ପକ୍ଷୀ ସହ ସମାନ ହୋଇ ପାରିବ ନାହିଁ । ସେମିତି ନିଦ୍ରା । ପଶୁ ପକ୍ଷୀଙ୍କ ନିମନ୍ତେ ଶୟନ କରିବା ପାଇଁ ଏକ ନର୍ଦ୍ଦିଷ୍ଟ ନିୟମ ଅଛି । ବେଳ ବୁଡିବା ମାତ୍ରେ ଯିଏ ଯେଝାର ନୀଡ଼ ବା ଗୁମ୍ଫା କୁ ଫେରିବେ । କେବଳ ରାତ୍ରିରେ ଶୟନ କରିବା ନିମନ୍ତେ ଶାସ୍ତ୍ର ନିର୍ଦ୍ଦେଶ ଥିଲେ ବି ମଣିଷ କେତେବେଳେ ସକାଳେ ତ କେତେବେଳେ ଦ୍ୱିପ୍ରହରରେ ଶୁଏ । ପୁଣି କେତେବେଳେ ଭୋଜିଭାତ ବା ପ୍ରେମିକ/ ପ୍ରେମିକା ସହ ଗପ ମାରୁ ମାରୁ ରାତି ପାହିଯାଏ । ଶୟନର କୌଣସି ନିୟମରେ ମଣିଷ ବନ୍ଧା ନୁହେଁ । ଏଥିରେ ବି ମଣିଷ ପଶୁ ସହ ଆଦୌ ସମାନ ନୁହେଁ ।

ଭୟ । ପଶୁର ଭୟ ଅଛି । ମଣିଷର ବି ଅଛି । କିନ୍ତୁ ମଣିଷ ପରି ଭୟାଳୁ ଜୀବ ସଂସାରରେ କେହି ନାହାନ୍ତି । ପଶୁପକ୍ଷୀଙ୍କ ମନରେ ଭୟ ଥିଲେ ବି ସେମାନେ କିନ୍ତୁ ପୂରା ନିର୍ଭୟରେ ବୁଲନ୍ତି । ବଣରେ ବାଘ ବା ଅନ୍ୟ ଜୀବଜନ୍ତୁ ଠାରୁ ଠେକୁଆର ଭୟ ଥିଲେ ବି ସେ କେବେ ବାଉନ୍ସର, ଗୁଣ୍ଡା ବା ଜେଡ ପ୍ଲସ ସିକ୍ୟୁରିଟି ଧରି ଜଙ୍ଗଲରେ ବୁଲେନି । କିନ୍ତୁ ମଣିଷ କୁ ଦେଖ.. । ପ୍ରତି ମୁହୂର୍ତ୍ତରେ ତାକୁ ଭୟ ଗ୍ରାସ କରେ । ମା' କହୁଥିବ



ପୁଅକୁ- ଆରେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସିବୁ । ବେଶିରାତି କରିବୁ ନାହିଁ । ସେ ରାସ୍ତାରେ ପରା ଡକାୟତି ହେଉଛି । ଭୟ.. । ରାସ୍ତାରେ ଯିବା ବେଳେ ମୋବାଇଲ ବା ସୁନାଚେନ ଲୁଟ ହେବାର ଭୟ.. ନିଜ ଗାଡ଼ିକୁ ପାର୍କିଙ୍ଗରେ ରଖି ଅଫିସ ଭିତରକୁ କିଛି କାର୍ଯ୍ୟ ପାଇଁ ଗଲେ ବି ଗାଡ଼ି ଚୋରୀ ହେବାର ଭୟ.. ଏମିତି ପ୍ରତି ମୁହୂର୍ତ୍ତରେ ମଣିଷ ପାଇଁ ଭୟ... କେବଳ ଭୟର ବାତାବରଣ । ଏମିତି ପରିସ୍ଥିତିରେ କିନ୍ତୁ ପଶୁପକ୍ଷୀ ନ ଥାନ୍ତି । ତେଣୁ 'ଭୟ' ଦୃଷ୍ଟିରୁ ମଣିଷ ସେମାନଙ୍କଠୁଁ ଥାଆନ୍ତି ଖୁବ୍ ତଳେ ।

ବାକି ଶେଷରେ ରହିଲା ମୈଥୁନ । ମନୁଷ୍ୟକୁ ଛାଡିଦେଲେ ସଂସାରର ସବୁ ଜୀବଜନ୍ତୁ ମୈଥୁନ ନିମନ୍ତେ ଥିବା ନୀତି ନିୟମରେ ବନ୍ଧା । ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ କୁକୁର ମୈଥୁନ କରେ । ଋତୁବତୀ ନ ହେଲେ ଗାଭି ନିକଟକୁ ବୃଷଭ କେବେ ଆସେନି । ପଶୁପକ୍ଷୀଙ୍କ କ୍ଷେତ୍ରରେ ମୈଥୁନ ନିମନ୍ତେ ସ୍ୱତନ୍ତ୍ର ଅନୁଶାସନ ଅଛି । ସେମାନେ ସେଗୁଡିକୁ ନିଷ୍ଠାପର ଭାବେ ମାନନ୍ତି । କିନ୍ତୁ ମଣିଷ.. । ପ୍ରତ୍ୟେକ ଦିନ ଟିଭି ଆଉ ଖବରକାଗଜ ଖୋଲିଲେ ହତ୍ୟା, ବଳାତ୍କାର, ଆଉ ବଳାତ୍କାର ଖବର ପଢିଲେ ଜଣାପଡିବ ଯେ ମଣିଷ ପଶୁ ସହ ସମାନ ନା ତାଠୁଁ ଖୁବ୍ ତଳେ ଅଛି ।

ମଣିଷ ପଶୁ ସହିତ ସମାନ ହେଉ ବା ତାଠୁଁ ତଳେ ରହୁ କିନ୍ତୁ ପଶୁ ଏବଂ ମନୁଷ୍ୟ ଭିତରେ ଗୋଟିଏ ମାତ୍ର ଫରକ ଅଛି । ଭର୍ତ୍ତୃହରିଙ୍କ ମତରେ ତାହା ହେଉଛି ଜ୍ଞାନ । ପଶୁପକ୍ଷୀଙ୍କ ଜ୍ଞାନ ନାହିଁ କିନ୍ତୁ ମଣିଷର ଜ୍ଞାନ ଅଛି । ଏଇ ଜ୍ଞାନର ଅନ୍ୟ ନାମ ହେଉଛି ଚେତନା ।

ତେବେ ସେ "ଚେତନା" କ'ଣ ? ଈଶ୍ୱର କାହିଁକି ପଶୁମାନଙ୍କୁ ସେ ଜ୍ଞାନ ବା ଚେତନା ଟିକକ ଦେଇନାହାନ୍ତି ? ସବୁ ମଣିଷଙ୍କ ପାଖରେ ସେଇ ଚେତନା ଟିକକ ଅଛି ନା ନାଇଁ ? ସେ ଚେତନାର ସ୍ୱରୂପ କ'ଣ ?... ଏ ବାବଦରେ ଆସନ୍ତା ଥରକୁ ଆଲୋଚନା କରିବା ।

*-ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, ପତ୍ରକଣା, କସର୍ଦ୍ଦା, କଟକ*
*ମୋ: ୯୪୩୭୨୯୨୬୯୯*

ବ୍ୟାକ୍ ପେଜ୍

# ଖାଇପାରିବେନି ଏହି ସି'ଫୁଡ୍


ଉଲ୍‌ରେ ସାଧାରଣତଃ ସ୍ୱେଟର, ମଫଲର୍, ଗ୍ଲୋଭସ୍ ଆଦି ତିଆରି କରାଯାଏ। ତେବେ ଏଥିରେ ଯେ, ଆହୁରି ଅନେକ ସୃଜନଶୀଳ ଜିନିଷ ତିଆରି କରିହେବ ତା' ହୁଏତ ଅନେକେ ଜାଣି ନ ଥିବେ। ଏଇ ଯେମିତି କେଟ୍ ଜେନ୍‌କିସ୍ ନାମକ ଜଣେ ନିଟ୍‌ୱେର୍ ଡିଜାଇନର୍ ଉଲରେ ତିଆରି କରୁଛନ୍ତି ଏମିତି କିଛି ଜିନିଷ ଯାହାକୁ ଦେଖିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ। ଆଉ ବିଶ୍ୱାସ କରି ହୁଏନା ତାହା ଉଲ୍‌ରେ ତିଆରି ବୋଲି। ୨୦୧୫ରେ ସେ ଲଣ୍ଡନର ଆଲେକ୍‌ଜାଣ୍ଡାର ପ୍ୟାଲେସ୍‌ରେ ଆୟୋଜିତ ହୋଇଥିବା ନିଟିଂ ଆଣ୍ଡ ଷ୍ଟିଚିଂ ଶୋ' ଦେଖିବାର ସୁଯୋଗ ପାଇଥିଲେ। ଯାହାକି ତାଙ୍କୁ ବହୁତ ଭଲ ଲାଗିଥିଲା। ତା'ସହ ତାଙ୍କୁ ଇଂଲଣ୍ଡ, ଆମେରିକା, ଜାପାନରେ ସାମୁଦ୍ରିକ ମାଛକୁ ସଜାଇ





ରଖାଯାଉଥିବା ଶୈଳୀ ବହୁତ ପସନ୍ଦ ଥିଲା। ତେଣୁ ଶେଷରେ ସେ ଉଲ୍‌ରେ ସାମୁଦ୍ରିକ ମାଛ ଆଦି ତିଆରି କରିବା ଆରମ୍ଭ କଲେ। ୯ ମାସ ଭିତରେ ସେ ଉଲ୍‌ରେ ଏକ ସମ୍ପୂର୍ଣ୍ଣ ଫିଶ୍ କାଉଣ୍ଟର କରିଦେଲେ। ଉଲ୍‌ର ସାମୁଦ୍ରିକ ମାଛ ବା ସି' ଫୁଡ୍ ଗୁଡିକୁ ସେ ଏତେ ଜୀବନ୍ତ ଭାବେ କରିଛନ୍ତି ଯେ, ବିଶ୍ୱାସ କରିହୁଏନି ତାହା ଉଲ୍‌ରେ ତିଆରି ବୋଲି। ତା'ସହ ସେଗୁଡିକ ବେଶ୍ ଲୋଭନୀୟ ବି ଲାଗେ। ତେଣୁ ଇଚ୍ଛା ହେବ ଖାଇବାକୁ। ହେଲେ ଉଲରେ ତିଆରି ହୋଇଥିବାରୁ ତାକୁ ଖାଇହେବନି। ଉଲ୍‌ର ଏହି ସି'ଫୁଡ୍‌ର ଫଟୋକୁ କେଟ୍ ସୋସିଆଲ୍ ମିଡିଆରେ ଅପଲୋଡ କରନ୍ତି। ତାଙ୍କର ଏହି କାମକୁ ଲୋକେ ବେଶ୍ ପ୍ରଶଂସା କରୁଛନ୍ତି।





# ସମୁଦ୍ର ଜୀବନ, ଭୂମିକୁ ଭୟ

ହଜାର ହଜାର ବର୍ଷ ପୂର୍ବେ ନଦୀ ନିକଟସ୍ଥ ଉର୍ବର ଭୂମିରେ ମାନବ ସଭ୍ୟତା ଗଢି ଉଠିଥିଲା। କହିବାକୁଗଲେ ଭୂମି ହିଁ ମାନବର ସବୁ କିଛି। ମଣିଷ ସେଇଠି ଜନ୍ମ ନିଏ ମୃତ୍ୟୁ ବି ସେଇଠି ହୁଏ। ହେଲେ ଜାଣନ୍ତି କି ଏମିତି ଏକ ଜନଜାତି ଅଛନ୍ତି ଯେଉଁମାନେ ଭୂମିରେ ନ ରହି ଜଳଭାଗରେ ରହିବାକୁ ପସନ୍ଦ କରନ୍ତି। ସେଇ ପାଣିରେ ଜିଅନ୍ତି ସେଇ ପାଣିରେ ହିଁ ମରନ୍ତି। ପାଣି ସେମାନଙ୍କ ପାଇଁ ଜୀବନ। ଭୂମିରେ ପାଦ ରଖିବାକୁ ବି ସେମାନେ ଡ଼ରନ୍ତି। ଏହି ଜନଜାତି ଇଣ୍ଡୋନେସିଆ, ମାଲେସିଆ ଓ ଫିଲିପାଇନ୍ସର ସାମୁଦ୍ରିକ ଅଞ୍ଚଳରେ ରୁହନ୍ତି। 'ବଜାଉ' ନାମକ ଏହି ଜନଜାତିର ଘର ସମୁଦ୍ର ଉପରେ ଓ ଜୀବନ ଜିବିକା ବି ସେଇ ସମୁଦ୍ରରେ। ଡଙ୍ଗାକୁ ଘରର ରୂପ ଦେଇ ସେଥିରେ ରୁହନ୍ତି। ଯେତେବେଳେ ଖୁବ୍ ଆବଶ୍ୟକତା ପଡେ, ଅର୍ଥାତ୍ ଯଦି କୌଣସି ସାମଗ୍ରୀର ଆବଶ୍ୟକତା ପଡେ, ସେମାନେ ଧରୁଥିବା ମାଛକୁ ବିକ୍ରି କରିବା ଲାଗି ବାଧ୍ୟ ହୋଇ ଭୂମିକୁ ଯାଆନ୍ତି। ଆବଶ୍ୟକତା ନ ଥିଲେ ଏମାନେ ଆଦୌ ଭୂମିରେ ପାଦ ରଖନ୍ତି ନାହିଁ। ଏମାନେ ସମୁଦ୍ରରେ ବି ଗୋଟିଏ ସ୍ଥାନରେ ରୁହନ୍ତି ନାହିଁ। ମାଛ ଧରିବା ପାଇଁ ସ୍ଥାନ ବଦଳାଇଥାନ୍ତି। ବଜାଉ ଜନଜାତିର ଲୋକ ନିଜର ବିଚକ୍ଷଣ ପହଁରିବା ଶୈଳୀ ଓ ଦୀର୍ଘ ସମୟ ଧରି ଶ୍ୱାସ ଅଟକାଇ ଗଭିର ଜଳ ଭିତରେ ମାଛ ଧରିବା ଦକ୍ଷତା ପାଇଁ ପରିଚିତ। ବିନା କୌଣସି ଆଧୁନିକ ଉପକରଣରେ ପାରମ୍ପରିକ ଭାଲା ସାହାଯ୍ୟରେ ସମୁଦ୍ର ଭିତରେ ମାଛ ମାରିବାବେଳେ ୫-୧୩ ମିନିଟ ପର୍ଯ୍ୟନ୍ତ ଏମାନେ ଶ୍ୱାସ ଅଟକାଇ ପାରନ୍ତି। ସେଥିପାଇଁ ସେମାନଙ୍କୁ ଜଳମଣିଷ ବି କୁହାଯାଏ। ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏମାନଙ୍କର ସ୍ପ୍ଲିନ୍ ସାଧାରଣ ମଣିଷଠୁ ଟିକେ ବଡ଼। ଫଳରେ ସେମାନେ ଗଭିର ପାଣି ଭିତରେ ଅଧିକ ସମୟ ପର୍ଯ୍ୟନ୍ତ ଶ୍ୱାସ ଅଟକାଇ ପହଁରିପାରନ୍ତି। ଏହା ଆନୁବଂଶିକ ଭିନ୍ନତା ପାଇଁ ସମ୍ଭବ



ହେଉଥିବା କୁହାଯାଏ। ପିଲାଦିନୁ ବଜାଉ ଜନଜାତି ପହଁରିବା ଶିଖିଯାଆନ୍ତି। ସମୁଦ୍ରରେ ଜନ୍ମ ହେବା ସହ ସେଇଠି ବଡ଼ ହେଉଥିବା ଏହି ଜନଜାତି ଶିକ୍ଷା ପ୍ରତି ଗୁରୁତ୍ୱ ଦେଇ ନ ଥାଆନ୍ତି। ଏମିତି କି ଏମାନେ ନିଜର ବୟସ କେତେ ବୋଲି ବି ଜାଣି ନ ଥାନ୍ତି। ଆଉ ଏକ କଥା ହେଉଛି କୌଣସି ଦେଶ ଏଯାଏ ଏହି ଜନଜାତିକୁ ନିଜର ଭାବେ ଗ୍ରହଣ କରି ନାହାନ୍ତି।

# ଟୟଲେଟ୍ ଫ୍ଲଶ୍ କଲେ ଦେବାକୁ ହେବ ଟ୍ୟାକ୍ସ



ଘରର ଏକ ମୁଖ୍ୟ ଅଂଶ ହେଉଛି ଟୟଲେଟ୍। ଯଦିଓ ଆଗରୁ ଘରେ ଘରେ ଟୟଲେଟ୍ ରହୁ ନ ଥିଲା। ହେଲେ ଏବେ ସମସ୍ତଙ୍କ ଘରେ ଘରେ ଟୟଲେଟ୍। ଆଉ ଏହାର ଗୁରୁତ୍ୱ ଏତେ ବଢି ଯାଇଛି ଯେ, ଏହାକୁ ଅନ୍ୟ ରୁମ୍ ଭଳି ବହୁତ ସୌଖିନ ବି କରାଯାଉଛି। ଯେଉଁଠି କି ନାନା ପ୍ରକାରର ଆଧୁନିକ ବାଥରୁମ୍ ସରଞ୍ଜାମ ଲଗାଯାଉଛି। ଆଉ ପ୍ରତି ଟୟଲେଟ୍‌ରେ ରହୁଛି ଫ୍ଲଶ୍, ଯାହା କି ଟୟଲେଟ୍ ପ୍ୟାନ୍‌କୁ ସଫା ରଖିବାରେ ସାହାଯ୍ୟ କରିଥାଏ। ଯିଏ ଯେତେଥର ଟୟଲେଟ୍ ବ୍ୟବହାର କରନ୍ତି ସେତେଥର ଫ୍ଲଶ୍ କରାଯାଏ। ତେବେ ଜାଣନ୍ତି କି ଏମିତି ବି ଏକ ସ୍ଥାନ ଅଛି ଯେଉଁଠି ଫ୍ଲଶ୍ କଲେ ଟ୍ୟାକ୍ସ ଦେବାକୁ ହୁଏ। ବିଶ୍ୱାସ ନ ହେଲେ ବି କଥାଟି ସତ। ସେହି ସ୍ଥାନଟି ହେଉଛି ଆମେରିକାର ମେରୀଲାଣ୍ଡ। ଏଠାକାର ସରକାର ଟୟଲେଟ୍ ଫ୍ଲଶ ବ୍ୟବହାର ପାଇଁ ଲୋକଙ୍କଠାରୁ ପ୍ରତି ମାସ ପ୍ରାୟ ୩୫୫ ଟଙ୍କା ଟ୍ୟାକ୍ସ ଆଦାୟ କରିଥାଆନ୍ତି। ଭାରତ କି ଅନ୍ୟ ଦେଶ ଭଳି ଏଠାରେ ମାଗଣାରେ ଓ ଯେତେବେଳେ ଇଚ୍ଛା ସେତେବେଳେ ଟୟଲେଟ୍ ଫ୍ଲଶ କରି ହେବନି। ତେବେ ଫ୍ଲଶ୍ କରିବା ଲାଗି ଆଦାୟ ହେଉଥିବା ଅର୍ଥକୁ ବ୍ୟବହାର କରି ଏଠାକାର ନାଳ ନର୍ଦ୍ଦମା ସଫା କରାଯାଇଥାଏ।